ଧରିତ୍ରୀ
DHARITRI
December 25-31, 2022 ₹ 2/-

ଛୁଟିଦିନ

# ମନରେ ଧନୀ



ଧନରେ ଏମାନେ ଧନୀ ନ ହୋଇ ପାରନ୍ତି। କିନ୍ତୁ ମନରେ ଏମାନଙ୍କଠୁ ଧନୀ କେହି ନାହାନ୍ତି। ସୁରୁଖୁରୁରେ ନିଜ ସଂସାର ଚଳାଇବା ପାଇଁ ପର୍ଯ୍ୟାପ୍ତ ଧନ ଏମାନଙ୍କ ପାଖେ ନାହିଁ ସତ କିନ୍ତୁ ଗରିବ, ଅସହାୟଙ୍କ ସାହାଯ୍ୟ କଥା ହେଉ କି ସାମୂହିକ ସ୍ୱାର୍ଥ କଥା ଆସୁ ଏମାନେ ହିଁ ପ୍ରଥମେ ଆଗକୁ ଆସନ୍ତି, ସାହାଯ୍ୟର ହାତ ବଢ଼ାନ୍ତି...

ପ୍ରଚ୍ଛଦ ପ୍ରସଙ୍ଗ
୩



# ସୌଭାଗ୍ୟ ଆଣେ ହାତୀ ପ୍ରତିମା

**ଭଗବାନ ଗଣେଶଙ୍କର ଏକ ସ୍ୱରୂପ ଭାବେ ହାତୀଙ୍କୁ ଅନେକେ ପୂଜା କରିଥାନ୍ତି। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ହାତୀ ପ୍ରତିମା ରଖିବା ଦ୍ୱାରା ବି ଅନେକ ଶୁଭଫଳ ମିଳିଥାଏ। ଯେମିତିକି–**

* ହାତୀକୁ ଯଶ, କୀର୍ତ୍ତିର ପ୍ରତୀକ ବୋଲି କୁହାଯାଏ। ଯେଉଁ ବ୍ୟକ୍ତିଙ୍କର କ୍ୟାରିୟରରେ ଉନ୍ନତି ହେଉ ନ ଥାଏ, ସେମାନେ ନିଜ ଟେବୁଲ ଉପରେ ଏପରି ହାତୀ ପ୍ରତିମା ରଖିବା ଦରକାର, ଯାହାର ଗୋଟିଏ ଗୋଡ଼ ଟିକେ ଆଗକୁ ଉଠିକି ଥିବ। ଏପରି କଲେ ତାଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିଥାଏ ବୋଲି ବିଶ୍ୱାସ ରହିଛି।
* ହାତୀ ଏମିତି ଏକ ପ୍ରାଣୀ ଯିଏକି ତା'ର ଜୀବନକୁ ବେଶ୍ ମଦମସ୍ତ ହୋଇ ଜିଇଁଥାଏ। ତେଣୁ ସୁଖମୟ



ଜୀବନ ପାଇଁ ଘରେ ଉପରକୁ ଶୁଣ୍ଢ ଟେକି ରଖିଥିବା ହାତୀର ପ୍ରତିମା ରଖିବା ଉପକାରୀ ହୋଇଥାଏ।
* ଏକାଗ୍ରତା ବଢ଼ାଇବାରେ ବି ହାତୀ ପ୍ରତିମା ସାହାଯ୍ୟ କରିଥାଏ। ତେଣୁ ଛୁଆଙ୍କର ପଢ଼ା ଟେବୁଲ ଉପରେ ହେଉ କିମ୍ବା ସବୁବେଳେ ଦ୍ୱନ୍ଦ୍ୱ ଭିତରେ ରହୁଥିବା ବ୍ୟକ୍ତିଙ୍କର ପାଖାପାଖି ସ୍ଥାନରେ ଗୋଟିଏ ହାତୀର ପ୍ରତିମା ରଖିଦିଅନ୍ତୁ। ଯେମିତି ବାରମ୍ବାର ସେମାନଙ୍କର ନଜର ଏହା ଉପରେ ପଡୁଥିବ। ଦେଖିବେ କିଛିଦିନ ପରେ ସେମାନଙ୍କ ଭିତରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିଯିବ।
* ହାତୀର ପ୍ରତିମା ଘରର ଉତ୍ତର ଦିଗରେ ରଖିବା ସବୁଠୁ ଭଲ ହୋଇଥିଲେ ହେଁ ସୁଫଳ ପାଇବା ପାଇଁ ଏହାର ସ୍ଥାନକୁ ପରିବର୍ତ୍ତନ କରିବାରେ ସେମିତି କିଛି ଅସୁବିଧା ନାହିଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୫-୩୧

**ମେଷ**: କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ଲକ୍ଷ୍ୟଭ୍ରଷ୍ଟ ହୋଇପାରନ୍ତି, ନିଷ୍ପତ୍ତି ବଦଳାଇବେ, ଅର୍ଥ ସାହାଯ୍ୟ ପାଇବେ, ସାମାଜିକ ପ୍ରତିଷ୍ଠା ବୃଦ୍ଧି, ସହକର୍ମୀ ସହ ମତାନ୍ତର, ମୂଲ୍ୟବାନ ଦ୍ରବ୍ୟଲାଭ, ସନ୍ତାନଙ୍କ କୃତିତ୍ୱ, ସାହିତ୍ୟକୃତିରୁ ପ୍ରଶଂସା, ବନ୍ଧୁଙ୍କ ନିମନ୍ତ୍ରଣ, ଧର୍ମକାର୍ଯ୍ୟ କରିବେ ॥

**ବୃଷ**: ମିତ୍ରବନ୍ଧୁ ସମାଗମ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ସହଯୋଗ ମିଳିବ, କରଜ କରିପାରନ୍ତି, ଗୃହ ମରାମତି, କ୍ରୀଡା ଚଳଚ୍ଚିତ୍ରରେ ସଂକଟ, ଦୂରଯାତ୍ରାର ପ୍ରସ୍ତୁତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ଜମିଜମା ବିବାଦ, ଯାନ୍ତ୍ରିକ ତ୍ରୁଟି ॥

**ମିଥୁନ**: ନୂତନ ସମ୍ପର୍କ ସୃଷ୍ଟି, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପିଲାଙ୍କ କୃତି ଓ କୃତିତ୍ୱ, ପାରିବାରିକ ବିଶୃଙ୍ଖଳା, ବନ୍ଧୁଙ୍କ ସନ୍ଦେହାତ୍ମକ ଆଚରଣ, କର୍ମ ଜଞ୍ଜାଳ ବୃଦ୍ଧି, ପଡୋଶୀଙ୍କ ପ୍ରଶଂସା, ଭୁଲ୍ ବୁଝାମଣାରୁ କଳହ, ବ୍ୟବସାୟିକ ଉତ୍କର୍ଷତା ॥

**କର୍କଟ**: ମାନସିକ ଦ୍ୱନ୍ଦ୍ୱ, ଆର୍ଥିକ ଦୁରବସ୍ଥା, ନିଷ୍ପତ୍ତି ନେବାରେ ବିଳମ୍ବ, ଅବସାଦ ଦୂର ହେବ, ବ୍ୟାପାରରେ ଲାଭ, ବନ୍ଧୁଙ୍କୁ ଆପଣାର କରିବେ, ଆଶାବାଦୀ ହୋଇପାରନ୍ତି, ମନୋରଞ୍ଜନର ସୁଯୋଗ,ସାମଜିକ ସମ୍ମାନ ପ୍ରାପ୍ତି, ପାରିବାରିକ ଶାନ୍ତି, ଯାନ୍ତ୍ରିକ ଜିନିଷ କ୍ରୟ ॥

**ସିଂହ**: ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁଙ୍କ ଅଭିମାନ, ଭ୍ରାତୃ ସମ୍ପର୍କରେ ନ୍ୟୁନତା, ପାରିବାରିକ ମତାନ୍ତର, ଗୁପ୍ତବୈଠକ କରିପାରନ୍ତି, ଅସୁସ୍ଥତାରୁ ଦୁଃଖ, ପରିସ୍ଥିତି ବଦଳିଯିବ, ନୂଆ ଯୋଜନାରମ୍ଭ, ପଦୋନ୍ନତିର ସୂଚନ, ବନ୍ଧୁ ଆଗମନରେ ଆନନ୍ଦିତ ହେବେ ॥

**କନ୍ୟା**: ପ୍ରତିବେଶୀଙ୍କ କଳହ , ଯୋଜନା ବିଗିଡିଯିବ, କଳାକାରିଗରୀରୁ ପ୍ରଶଂସା, ଗବେଷଣାରେ ସଫଳତା, ବନ୍ଧୁଙ୍କ ସମାଲୋଚନା, ତରବରିଆ ଯାତ୍ରା, ସ୍ୱଜନଙ୍କ ପରାମର୍ଶ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଶିଳ୍ପବାଣିଜ୍ୟରେ ଉନ୍ନତି ॥

**ତୁଳା**: କାର୍ଯ୍ୟଦକ୍ଷତା ବଢ଼ିବ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଉଚ୍ଚପ୍ରଶଂସା ମିଳିବ, ସହକର୍ମୀଙ୍କ ଈର୍ଷା, ନୂତନ ନିଯୁକ୍ତି ମିଳିପାରେ, ସ୍ୱଜନ ଶତ୍ରୁତା, ସୁସମ୍ପର୍କ ବ୍ୟାହତ, ମାନସିକ ଅଶାନ୍ତି, କ୍ରନିକ୍ ରୋଗରେ ପୀଡା, କରଜଦାତାଙ୍କ ଚାପ, ସଙ୍କୁଚିତ ବ୍ୟବସାୟ ॥

**ବିଛା**: ପ୍ରିୟବନ୍ଧୁ ଦୁରେଇଯିବେ, ସରଳବିଶ୍ୱାସରୁ ହଇରାଣ, ବ୍ୟବସାୟରେ କ୍ଷତି, ଶତ୍ରୁର ସାମନା କରିପାରନ୍ତି, ଧର୍ମକାର୍ଯ୍ୟର ପ୍ରସ୍ତୁତି, ମିତ୍ରତା ସୃଷ୍ଟିର ଯୋଜନା, ପ୍ରକାଶନରେ ବିଳମ୍ବ, ଆଇନ ସହାୟତା ମିଳିବ ॥

**ଧନୁ**: କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଅର୍ଥସଂକଟ ଦୂର ହେବ, ଅପ୍ରିୟ ସତ୍ୟଭାଷଣରୁ କଳହ, ପଡୋଶୀଙ୍କ ପ୍ରତାରଣା, ନୁଆବନ୍ଧୁ ଆସିବେ, ବସ୍ତ୍ରାଳଙ୍କାର ପ୍ରାପ୍ତି, ପରିସ୍ଥିତି ଜଟିଳ ହୋଇପାରେ, ସ୍ତ୍ରୀଙ୍କ ସୁପରାମର୍ଶ, ସମସ୍ୟାକୁ ସୁଧାରି ନେବେ, ଅନିଚ୍ଛାକୃତ ଖର୍ଚ୍ଚରୁ ମନସ୍ତାପ ॥

**ମକର**: ଭ୍ରମଣ ସୁଯୋଗ ଜୁଟିବ, ଛୋଟକଥାରୁ ଦ୍ୱନ୍ଦ୍ୱ, ମନ ମାରି ରହିପାରନ୍ତି, ଯାତ୍ରାରେ ବିଳମ୍ବ, ଭାବପ୍ରବଣତା ବଢ଼ିବ, ଧୈର୍ଯ୍ୟଚ୍ୟୁତି ଘଟିପାରେ, ନୁଆ ଜିନିଷ କ୍ରୟ କରିବେ, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା ॥

**କୁମ୍ଭ**: ମତାନ୍ତରରୁ କଳହ, ପରିସ୍ଥିତିକୁ ନିୟନ୍ତ୍ରଣ କରିବେ, ଲକ୍ଷ୍ୟହୀନ ଯାତ୍ରା, କାମ ତ୍ୱରାନ୍ୱିତ ହେବ, ବନ୍ଧୁଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି, ଭଲ କାମ କରି ମଧ୍ୟ ନିନ୍ଦା, ସଂଗୀତରେ ରୁଚି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ॥

**ମୀନ**: ଯୋଜନା କାର୍ଯ୍ୟକାରୀ କରିବେ, ଆର୍ଥିକ ଅନଟନ ଦେଖା ଦେବ, ବନ୍ଧୁଙ୍କ ଦୋଷ ଦର୍ଶିତା, ମାନସିକ ଯନ୍ତ୍ରଣା ଅନୁଭବ, ଆଶା ପୂରଣର ପ୍ରତୀକ୍ଷା, ଶେଷ ପର୍ଯ୍ୟାୟରେ ପହଂଚିବ, ବନ୍ଧୁଙ୍କ ସହାନୁଭୂତି, ଶୁଭଖବର ପ୍ରାପ୍ତି ॥

# ଉପକାରୀ ମଟର ଛୁଇଁ

ଆମ ଶରୀର ପାଇଁ ମଟର ଛୁଇଁର ମଧ୍ୟ ଅନେକ ଉପକାର ରହିଛି। କାରଣ ଏଥିରେ ରହିଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବି ୬, ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭଳି ଅନେକ ଗୁଣକାରୀ ତତ୍ତ୍ୱ। ଫଳରେ ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ହୃତ୍‌ପିଣ୍ଡ ଓ କିଡ୍‌ନୀ ସୁସ୍ଥ ରହିଥାଏ। ଏହା ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏଥିରେ ଫାଇବରର କିଛି ମାତ୍ରା ରହୁଥିବାରୁ ପାଚନତନ୍ତ୍ରକୁ ସକ୍ରିୟ କରିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଏହା କୋଲେଷ୍ଟରଲକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚାର ସୌନ୍ଦର୍ଯ୍ୟ ବଢ଼ାଇବାରେ ବି ମଟର ଛୁଇଁର ଅନେକ ଭୂମିକା ରହିଛି। ମଟର ଛୁଇଁକୁ ଫାଇନ୍ ପେଷ୍ଟ କରି ତ୍ୱଚାରେ ଧୀରେ ଧୀରେ ମାଲିସ୍ କଲେ, ଏହା ନାଚୁରାଲ ସ୍କ୍ରବ୍ ର କାମ ଦେଇଥାଏ। କୁହାଯାଏ, ଏହିପରି କିଛିଦିନ କଲେ ତ୍ୱଚା ସଫା ଦେଖାଯିବା ସହ ଗ୍ଲୋ କରିଥାଏ। ଶୀତଦିନେ ଅନେକଙ୍କର ଓଠ ଆଉ ପାଦର ଗୋଇଠି ଫାଟେ। କଞ୍ଚା



ମଟର ଛୁଇଁରୁ କିଛିକିଛି ନିୟମିତ ଖାଇଲେ ଏହି ସମସ୍ୟାରୁ କୁଆଡ଼େ ଅନେକ ଉପଶମ ମିଳିଥାଏ। ତେବେ ଅନେକ ଗୁଣରେ ଭରା ଏହି ମଟର ଛୁଇଁର କିନ୍ତୁ ଗୋଟିଏ ଅସୁବିଧା ରହିଛି ; ତାହା ହେଉଛି ଗ୍ୟାସ୍ ସମସ୍ୟା। ତେଣୁ ଗ୍ୟାସ୍ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଟିକେ ଦେଖିଚାହିଁ ମଟର ଛୁଇଁ ଖାଇବା ଦରକାର।

# ପାଠକୀୟ

* ଉତ୍ସବ ତ ଅନେକ ରହିଛି। ହେଲେ ଏହା ଖାସ୍ ଶୀତଦିନ ପାଇଁ, ଯାହାକୁ ଦେଖିବାକୁ ଆଉ ଏଥିରେ ସାମିଲ ହେବାକୁ ପ୍ରତିବର୍ଷ ଦେଶ ବିଦେଶର ପର୍ଯ୍ୟଟକ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାନ୍ତି। ସେମିତି କିଛି ଶୀତ ମହୋତ୍ସବକୁ ନେଇ ଉପସ୍ଥାପନା କରାଯାଇଥିବା ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ଶୀତ ମହୋତ୍ସବ' ଏକ ନିଆରା ଆଲେଖ୍ୟ ଥିଲା। 'କମ୍ ଖର୍ଚ୍ଚରେ ବାସ୍ତୁଦୋଷ ଦୂର', 'ମୂଳାର ଉପକାରିତା' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ରାକେଶ ସ୍ୱାଇଁ, ସୋର, ବାଲେଶ୍ୱର***

* ଏଥର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଶୀତ ମହୋତ୍ସବ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ସେଲିବ୍ରିଟି ସିକ୍ରେଟ୍ ପୃଷ୍ଠାରୁ ଅଭିନେତା ସ୍ୱରାଜ ବାରିକଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ରଙ୍କ ଜୀବନୀ ସମ୍ପର୍କରେ ମଧ୍ୟ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ବିଶ୍ଳେଷଣ' ଶୀର୍ଷକ ଗପ ଓ 'ଉପଲବ୍ଧି', 'ଉପେକ୍ଷା', 'କଥା' ଶୀର୍ଷକ କବିତାଗୁଡ଼ିକ ଯେତିକି ମନଛୁଆଁ ସେତିକି ହୃଦୟସ୍ପର୍ଶୀ ବି ଥିଲା।

***– ସତ୍ୟନାରାୟଣ ରଥ, ଜାଗମରା, ଭୁବନେଶ୍ୱର***

* ସିନେମା ପୃଷ୍ଠାରେ ସ୍ଥାନିତ 'ଅନୁତାପ କରୁଛନ୍ତି କ୍ରିତି', 'ଆକ୍ସନ ମୁଡ୍‌ରେ ଦିଶା', 'ଅକ୍ଷୟ ନା କାର୍ତ୍ତିକ' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେବିକା ଓ ଲେଖିକା ଚନ୍ଦ୍ରା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ପ୍ରେରଣାଦାୟୀ ଲାଗୁଥିଲା। 'ଐତିହାସିକ ଗାଁ ଥୁଆବାରୀ' ସମ୍ପର୍କରେ ଅନେକ ଅଜଣା କଥା ଛୁଟିଦିନରୁ ଜାଣିହେଲା।

***– ମୌସୁମୀ ପରିଡ଼ା, ମାର୍ଶାଘାଇ, କେନ୍ଦ୍ରାପଡ଼ା***

* ମଡେଲ ମିରର୍‌ରେ ସମାପିକା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ଭାରି ମଜାଦାର ହେଉଥିବାରୁ ଭଲ ଲାଗୁଛି। ସହରଠୁ ଦୂର ପୃଷ୍ଠାରୁ 'ଅସୁର କୁମାରୀ' ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'କଥା ମାଇକ୍ରୋୱେଭ୍‌ର'ଶୀର୍ଷକ ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

***– ମନୀଷା ଦ୍ୱିବେଦୀ, ବିଞ୍ଝାରପୁର, ଯାଜପୁର***

* ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଯିଏ ମୋଟା ସିଏ ହିରୋ', 'ଚୁଟିକୁ ଦଉଡ଼ି କରି ଖେଳିଲେ ସ୍କିପିଂ', 'ସ୍କୁଟର ଚଳାଇ ବୁଲୁଛନ୍ତି କୁକୁର ବିଲେଇ', 'ଯୁବକ ତିଆରି କଲେ ୬ ସିଟର ଇଲେକ୍ଟ୍ରିକ୍ ବାଇକ୍' ଆଦି ବିଷୟ ପଢ଼ିବାକୁ ଯେତିକି ଆଶ୍ଚର୍ଯ୍ୟକର ଲାଗୁଥିଲା ତାହାର ଫଟୋଗୁଡ଼ିକ ବି ଦେଖିବାକୁ ସେତିକି ମନଛୁଆଁ ହୋଇଥିଲା। ଅନ୍ୟପକ୍ଷେ ଏଥରର ବ୍ୟଙ୍ଗ 'ସଜାଗ ରୁ ସର୍ବନାଶ' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା।

***– ଏସ୍ .କେ.ସୁବୁଦ୍ଧି, ବାଣପୁର, ଖୋର୍ଦ୍ଧା***

## ବିଶେଷ ଚିଠି



**ସ**ପ୍ତାହରେ ଦିନେ ମିଳେ ଛୁଟି
ଛୁଟିଦିନ ଦିଏ ଖୁସି ବାଣ୍ଟି।
ରବିବାର ସକାଳେ ପହଞ୍ଚେ ଘରେ
ସଭିଙ୍କ ଆନନ୍ଦ କହିଲେ ନସରେ।
ପିଲାଠୁ ବୁଢ଼ା ସମସ୍ତେ ପଢ଼ି
ଜ୍ଞାନ ଜଗତରେ ଯାଆନ୍ତି ବୁଡ଼ି।
ଶାଣିତ ସ୍ୱରରେ ପୃଷ୍ଠା ଚମକେ
ମନରେ ହୃଦରେ ଆଉ ବିବେକେ।
ଗୋଡ଼ାଣିଆ ନୁହେଁ କେବେ ଖବର
ଧରିତ୍ରୀର ଲେଖା ସବୁ ଉଚ୍ଚକୋଟୀର।

***– ଡ. ରାଜୀବ ଷଡ଼ଙ୍ଗୀ***
***କୁଣ୍ଡି, କୁମୁଡ଼ା ଜୟପୁର, କଟକ***

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ମନରେ ଧନୀ





ରଞ୍ଜିତ ନାୟକ

**ଧନରେ ଏମାନେ ଧନୀ ନ ହୋଇ ପାରନ୍ତି କିନ୍ତୁ ମନରେ ଏମାନଙ୍କଠୁ ଧନୀ କେହି ନାହାନ୍ତି। ସୁରୁଖୁରୁରେ ନିଜ ସଂସାର ଚଳାଇବା ପାଇଁ ପର୍ଯ୍ୟାପ୍ତ ଧନ ଏମାନଙ୍କ ପାଖେ ନାହିଁ ସତ କିନ୍ତୁ ଗରିବ, ଅସହାୟଙ୍କ ସାହାଯ୍ୟ କଥା ହେଉ କି ସାମୂହିକ ସ୍ୱାର୍ଥ କଥା ଆସୁ ଏମାନେ ହିଁ ପ୍ରଥମେ ଆଗକୁ ଆସନ୍ତି, ସାହାଯ୍ୟର ହାତ ବଢ଼ାନ୍ତି...**

ଧନ ସମସ୍ତଙ୍କ ପାଖେ ନ ଥାଏ କିନ୍ତୁ ମନ ଥିଲେ ଧନର ଅଭାବ ହୁଏନି ବୋଲି ଓଡ଼ିଆରେ ଗୋଟେ କଥା ଅଛି; ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ଏମିତି କେତେଜଣ ମଣିଷ। ଯାହାଙ୍କ ପାଖେ ପ୍ରଚୁର ଧନ ନାହିଁ ସତ କିନ୍ତୁ ମନରେ ସେମାନେ କେଉଁ କୋଟିପତିଠାରୁ କମ୍ ନୁହନ୍ତି। ସୁରୁଖୁରୁରେ ନିଜ ସଂସାର ଚଳାଇବା ପାଇଁ ପର୍ଯ୍ୟାପ୍ତ ଧନ ଏମାନଙ୍କ ପାଖେ ନାହିଁ ସତ କିନ୍ତୁ ଗରିବ, ଅସହାୟଙ୍କ ସାହାଯ୍ୟ କଥା ହେଉ କି ସାମୂହିକ ସ୍ୱାର୍ଥ କଥା ଆସୁ ଏମାନେ ହିଁ ପ୍ରଥମେ ଆଗକୁ ଆସନ୍ତି, ସାହାଯ୍ୟର ହାତ ବଢ଼ାନ୍ତି। ନିଜ ପରିବାରର ଆର୍ଥିକ ସ୍ଥିତି ଏମାନଙ୍କୁ ବ୍ୟଥିତ କରେନା, ବରଂ ବ୍ୟଥିତ କରେ ଲୋକଙ୍କ ସମସ୍ୟା। ସେହିମାନଙ୍କ ଭିତରୁ କିଛି ମଣିଷଙ୍କ ସମ୍ପର୍କରେ...

### ଜଳ ପୁରୁଷ ଦୈତାରୀ

ବାଂଶପାଳ ବ୍ଲକ ଅନ୍ତର୍ଗତ ତଳବୈତରଣୀ ଗ୍ରାମର ଲୋକମାନେ ଚାଷ ସହିତ ବଣଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ ଜଳସେଚନର କୌଣସି ବ୍ୟବସ୍ଥା ନ ଥିବାରୁ ଚାଷ ପାଇଁ କେବଳ ବର୍ଷା ଉପରେ ହିଁ ନିର୍ଭର କରିଥାନ୍ତି, ଯେଉଁଥିପାଇଁ ସବୁ ସମୟରେ ଚାଷ କରିବା ସମ୍ଭବ ହୁଏନାହିଁ। ଏହି କଥା ସେଠାକାର ଜଣେ ମଣିଷଙ୍କୁ ଖୁବ୍ ବାଧୁଥିଲା। ଆଉ ସେ ତିନି ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ପ୍ରାୟ ତିନି କିମି ଦୂରରୁ ପାହାଡ କାଟି ନିଜ ଉଦ୍ୟମରେ କେନାଲ ଖୋଳି ଜଳସେଚନର ବ୍ୟବସ୍ଥା କଲେ। ସେ ହେଲେ ଜଳପୁରୁଷ ପଦ୍ମଶ୍ରୀ ଦୈତାରୀ ନାଏକ। ଆଗରୁ ଏଠାକାର ଅଧିବାସୀ କେବଳ ବର୍ଷାପାଣି ଉପରେ ନିର୍ଭର କରି ଚାଷକାର୍ଯ୍ୟ କରୁଥିଲେ । ଏବେ କେନାଲ ଖୋଳିବା ପରେ ବର୍ଷର ଅନ୍ୟ ସମୟରେ ମଧ୍ୟ ଚାଷକାର୍ଯ୍ୟ ସୁରୁଖୁରୁରେ ହୋଇପାରୁଛି । ଏହି କେନାଲ ଖୋଳିବା ପାଇଁ ଦୈତାରୀଙ୍କୁ ତିନି ବର୍ଷ ଲାଗିଥିବା ବେଳେ ନାନା ବାଦ ଅପବାଦ ବି ଶୁଣିବାକୁ ପଡ଼ିଥିଲା । ତଥାପି ହାରି ନ ଯାଇ ପାହାଡ଼ିଆ ଅଞ୍ଚଳରେ କେନାଲ ଖୋଳାଇ ଲୋକଙ୍କୁ ପାଣି ସମସ୍ୟାରୁ ମୁକ୍ତ କରାଇଥିଲେ। ୨୦୧୬ ମସିହାରେ ସାମାଜିକ କ୍ଷେତ୍ରରେ ତାଙ୍କର ଏହି ଅତୁଳନୀୟ ଅବଦାନ ପାଇଁ ମିଳିଥିଲା ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ।

### ପେନ୍‌ସନ ଅର୍ଥରେ ପୋଲ ନିର୍ମାଣ

ନିଜ ପେନସନ ଅର୍ଥରେ ଗାଁ ଲୋକଙ୍କ ବର୍ଷବର୍ଷର ଯାତାୟାତର ସମସ୍ୟାକୁ ସମାଧାନ କରିବା ପାଇଁ ସାଳନ୍ଦୀ ନଦୀରେ ତିଆରି କରିଛନ୍ତି ୨୭୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାରର ପୋଲ। ସେ ହେଲ କେନ୍ଦୁଝର ଜିଲା, ହାଟଡିହି ବ୍ଲକ ସୋସୋ ଥାନା ଅନ୍ତର୍ଗତ କାନପୁର ଗ୍ରାମର ୬୫ ବର୍ଷ ବୟସ୍କ ଗଙ୍ଗାଧର ରାଉତ। ଯିଏ ସମସ୍ତଙ୍କ ପାଖେ ବ୍ରିଜମ୍ୟାନ ଭାବେ ପରିଚିତ। ଗଙ୍ଗାଧର କୁହନ୍ତି, ‘ ପିଲାବେଳୁ ଦେଖି ଆସିଛି ବର୍ଷାଦିନରେ ଆମ ଗାଁ କାନପୁରର ଲୋକେ ସାଳନ୍ଦୀ ନଦୀ ଆରପଟେ ଥିବା ଚାଷଜମିକୁ ଯାଇପାରୁ ନ ଥିଲେ। ନଦୀ ଆରପଟ ଗାଁରେ ଥିବା ଲୋକେ ଆମ ଗାଁକୁ ଆସି ପାରୁ ନ ଥିଲେ। ପୋଲ ନିର୍ମାଣ ପାଇଁ ଲୋକମାନେ ବାରମ୍ବାର ଦାବି କରିବା ସତ୍ତ୍ୱେ ସରକାରୀ ସ୍ତରରେ ନିର୍ମାଣ ହୋଇ ପାରିଲା ନାହିଁ। ପରେ ସ୍ଥାନୀୟ ଟ୍ରକ ଆସୋସିଏସନ୍, ବିଧାୟକ, ହାଟଡିହି ବ୍ଲକ ପ୍ରଶାସନ ୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ବ୍ରିଜ୍ କରିବାକୁ। ହେଲେ ଟଙ୍କା ଠିକ୍‌ରେ ବିନିଯୋଗ ନ ହୋଇପାରିବାରୁ ମାତ୍ର ୬୦ ଫୁଟ୍ କାମ ହୋଇ ରହିଯାଇଥିଲା। ଶେଷରେ ମୁଁ ଏହି ବ୍ରିଜ୍ କରିବାକୁ ନିଷ୍ପତ୍ତି ନେଲି। ଯାହା ଟଙ୍କା ଆବଶ୍ୟକ ହେଲା ମୁଁ ମୋ ନିଜ ହାତରୁ ଖର୍ଚ୍ଚ କରି ୨୦୧୮ ଫେବୃୟାରୀରେ ବ୍ରିଜ କାମ ଆରମ୍ଭ କଲି। ଏଥିରେ ମୁଁ ପାଖାପାଖି ୧୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଛି। ସରକାର କିମ୍ବା ଗ୍ରାମବାସୀ କାହାର ସହଯୋଗ ପାଇ ନାହିଁ। ୨୦୧୯ରେ ବ୍ରିଜ୍ କାମ ସରିଲା। ଏଥିରେ ମୋର ସବୁ ପେନ୍‌ସନ୍ ଓ ଗ୍ରାଚୁଟି ଟଙ୍କା ବିନିଯୋଗ କଲି। ୨୦୨୦, ମେ ମାସରେ ଏହି ପୋଲକୁ ଲୋକାର୍ପଣ କରାଗଲା। ହେଲେ ବ୍ରିଜ୍‌ର ଉଭୟ ପାର୍ଶ୍ୱକୁ ସଂଯୋଗ କରୁଥିବା ଆପ୍ରୋଚ୍ ରୋଡ ନ ଥିଲା। କେବଳ ଚାଲି ଚାଲି ଯାଇ ହେଉଥିଲା ଗାଡି ଯାଇପାରୁ ନ ଥିଲା। ତେଣୁ ଆପ୍ରୋଚ ରୋଡ ତିଆରି ପାଇଁ ରାଜନେତା ଓ ପ୍ରଶାସନକୁ ଜଣାଇବା ସତ୍ତ୍ୱେ କରା ନ ଯିବାରୁ ଶେଷରେ ମୁଁ ପୁଣି ଥରେ ଅଣ୍ଟା ଭିଡିଲି ଏହାକୁ ତିଆରି କରିବାକୁ। ନୂଆଦିଲ୍ଲୀଠାରେ ସମ୍ମାନୀତ ହୋଇ ପାଇଥିବା ଏକ ଲକ୍ଷ ଟଙ୍କାକୁ ପୋଲର ଗୋଟିଏ ପଟ ଆପ୍ରୋଚ ରୋଡ ନିର୍ମାଣରେ ଖର୍ଚ୍ଚ କରିଥିଲି। ୨୦୧୯ରେ ଜିନ୍ଦଲ୍ କମ୍ପାନୀ ମତେ ସମ୍ମାନିତ କରି କିଛି ଅର୍ଥ ପ୍ରଦାନ କରିଥିଲେ। ସେ ଟଙ୍କାକୁ ବି ପୋଲ ତିଆରିରେ ବିନିଯୋଗ କରିଦେଇଥିଲି। ଏବେ ଦୁଇ ପଟର ଆପ୍ରୋଚ ରୋଡର କାମ ସରିଯାଇଛି। ଏହି ବ୍ରିଜ ଉପରେ ଏବେ ଭାରିଯାନକୁ ବାଦ୍ ଦେଇ ସବୁ ଗାଡିମଟର ଯାଇପାରୁଛି। ଯାହା ମତେ ବେଶ୍ ଆତ୍ମସନ୍ତୋଷ ଦେଉଛି।

### ସ୍ତ୍ରୀଙ୍କ ଗହଣା ବିକି ତିଆରି କଲେ କାଠବ୍ରିଜ୍

ଯାହା ସରକାରଙ୍କ ପାଇଁ କରିବା ସମ୍ଭବ ହେଲାନି ତାହା କରିଦେଖାଇଲେ ରଞ୍ଜିତ ନାୟକ। ପେସାରେ ଟ୍ରକ୍ ଡ୍ରାଇଭର ଥିବା ରଞ୍ଜିତ ନିଜ ପତ୍ନୀଙ୍କ ଗହଣା ବିକି ଶେଷରେ ଲୋକଙ୍କ ଯା'ଆସ ପାଇଁ କଲେ ରାସ୍ତା ଓ କାଠର ବ୍ରିଜ୍। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ୮୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ରାସ୍ତା ନ ଥିବା ବେଳେ ଗୁଞ୍ଜୀରାମ ପଞ୍ଜୀରା ଗାଁର ବି ସେଇ ଏକା

→







ଶଙ୍କର ରାମଚନ୍ଦାନୀ



ପଦ୍ମଶ୍ରୀ ଦୈତାରୀ ନାଏକ

ଅବସ୍ଥା ଥିଲା । ରାସ୍ତା ନା ଥିବାରୁ ଆଖପାଖ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗାଁର ଲୋକେ ହଇରାଣ ହେଉଥିଲେ । କାହିଁକି ନା ଏହା କଳାହାଣ୍ଡି ତଥା ନବରଙ୍ଗପୁର ଜିଲାକୁ ଲାଗିକି ରହିଛି । ଯେଉଁକଥା ଖୁବ୍ ବାଧୁଥିଲା ରଞ୍ଜିତଙ୍କୁ । ଖୁବ୍ ଛୋଟବେଳୁ ସେ ଏହା ଦେଖିଆସୁଥିଲେ । ଆଉ ମନେମନେ ପ୍ରତିଶ୍ରୁତିବଦ୍ଧ ହେଉଥିଲେ ଯେମିତି ହେଲେ ଦିନେ ସେ ରାସ୍ତା ଓ ବ୍ରିଜ୍ କରିବେ । ପେସାରେ ଡ୍ରାଇଭର ଥିବାରୁ ଆର୍ଥିକ ଅବସ୍ଥା ବି ସ୍ୱଚ୍ଛଳ ନ ଥିଲା । କିନ୍ତୁ ବ୍ରିଜ୍ କରିବାର ସ୍ୱପ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ରଞ୍ଜିତ କୁହନ୍ତି, 'ପିଲାଟିଦିନୁ ପାଠ ପଢ଼ିବାର ଇଚ୍ଛା ଥିଲେ ସୁଦ୍ଧା ଆର୍ଥିକ ପରିସ୍ଥିତି ଠିକ୍ ନ ଥିବାରୁ ପାଠ ପଢ଼ି ପାରି ନ ଥିଲି । ପ୍ରଥମେ ଶ୍ରମିକ ଭାବେ କାମ କରୁଥିଲି । ମୋ ଉପରେ ୭ ଜଣ ନିର୍ଭରଶୀଳ । ଘରର ଆର୍ଥିକ ସ୍ଥିତି ଖୁବ୍ ଦୁର୍ବଳ । ଏମିତି କଷ୍ଟେମଷ୍ଟେ ଘର ଚଳାଇବା ଭିତରେ ମୁଁ କିନ୍ତୁ ସ୍ୱପ୍ନ ଦେଖୁଥିଲି ଯେମିତି ବି ହେଉ ଲୋକଙ୍କର ଏଇ ଯିବା ଆସିବା ଅସୁବିଧା ଦୂର କରିବି । ଯାହା ବି ହେଉ ବ୍ରିଜ୍ ନିର୍ମାଣ କରିବି । କାରଣ ଦୀର୍ଘ ୨୦ ବର୍ଷ ହେଲାଣି ଦେଖୁଛି ନେତା, ମନ୍ତ୍ରୀ କି ସରପଞ୍ଚ କାହାକୁ ବି ଗୁହାରି କଲେ କିଛି ଫଳ ମିଳୁନି । ଏପଟେ ମୋ ପାଖରେ ବ୍ରିଜ୍ ତିଆରି ପାଇଁ ପଇସା ନାହିଁ । ମୂଲମଜୁରି ଲାଗି ସଂଚିଥିବା ୪୦ ହଜାର ଟଙ୍କା ପ୍ରଥମେ ଖର୍ଚ୍ଚ କଲି । ପୁଣି ଟଙ୍କା ଦରକାର ପଡ଼ିବାରୁ ନିଜ ସ୍ତ୍ରୀର ଗହଣା ବନ୍ଧା ପକାଇ ୩୦ ହଜାର ଟଙ୍କା ଖର୍ଚ୍ଚ କରି ବ୍ରିଜ୍ ନିର୍ମାଣ କଲି । ପ୍ରଥମେ ତ ପରିବାର ଲୋକେ ଏହାକୁ ବିରୋଧ କରୁଥିଲେ । କିନ୍ତୁ ମୁଁ ବୁଝେଇଲି ଯେ, ବ୍ରିଜ ନ ଥିବାରୁ ପିଲାଦିନୁ ଆମେ ବହୁତ କଷ୍ଟ ଭୋଗିଛୁ । ଏଥିରେ ସମସ୍ତଙ୍କର ଉପକାର ହେବ । ମୋ କଥା ଘରେ ବୁଝିଲେ । ବାପା ବି ବ୍ରିଜ୍ କାର୍ଯ୍ୟରେ ସହଯୋଗ କଲେ । ଏଥିପାଇଁ ମୁଁ କାହାଠୁ କିଛି ଆର୍ଥିକ ସାହାଯ୍ୟ ମାଗିନି । ମୁଁ ଭାବେ ମଣିଷ ଏପରି କାମ କରିବା ଦରକାର, ଯାହାକୁ ମୃତ୍ୟୁ ପରେ ବି ଲୋକମାନେ ମନେରଖିବେ । ଏକଥା ବି ଭାବୁଛି ଯେ କେତେବେଳେ ବର୍ଷା ହେଲେ ଏହା ଧୋଇ ହୋଇଯିବ, ମୋ ପରିଶ୍ରମ ବୃଥା ଯିବ । ତେଣୁ ସରକାରଙ୍କ ତରଫରୁ କିଛି ସହଯୋଗ ମିଳିଲେ ସେଥିରେ ତାରବାଡ଼ କରିପାରନ୍ତି । ମୋ ପାଖରେ ଆଉ ଟଙ୍କା ନାହିଁ । ଦେଖିବି କେମିତି ଅଧିକ କାମ କରି ପରିବାର ଖର୍ଚ୍ଚରୁ ବଞ୍ଚାଇ ପୁଣି ପୋଲ ପାଇଁ ସଞ୍ଚୟ କରିବି । କେବଳ ସମସ୍ତଙ୍କ ଯା'ଆସର ସୁବିଧା ପାଇଁ ରଂଜିତ ବାପାଙ୍କ ସହ ମିଶି ତିନୋଟି କାଠପୋଲ ସହ ୪ କିମି ରାସ୍ତା ତିଆରି କରିଛନ୍ତି । ଏଥିପାଇଁ ତାଙ୍କୁ ନା ଗ୍ରାମବାସୀଙ୍କଠାରୁ ସାହାଯ୍ୟ ନା ସରକାରଙ୍କ ତରଫରୁ କୌଣସି ସହାୟତା ମିଳି ନ ଥିବା ଉକ୍ତ ଗ୍ରାମର ଲୋକେ କହିଛନ୍ତି । ତିନି ମାସର ଅକ୍ଳାନ୍ତ ପରିଶ୍ରମରେ ନିର୍ମିତ ଏହି ବ୍ରିଜ୍‌ରେ ଏବେ ଲୋକେ ଖୁସିରେ ଯିବା ଆସିବା କରୁଛନ୍ତି । ପୂର୍ବରୁ ଯେତେବେଳେ ନଦୀ ପାର ହୋଇ ଯାଉଥିଲେ ସେତେବେଳେ ନଦୀରେ ପଡ଼ି ଅନେକ ଲୋକ ଆହତ ହେଉଥିବା ବେଳେ ଗର୍ଭବତୀଙ୍କୁ ଅସୁରକ୍ଷିତ ଭାବେ ଖଟିଆରେ ନିଆଯାଉଥିଲା, ଯାହାର ସମାଧାନ ଏବେ ରଞ୍ଜିତ କରିପାରିଛନ୍ତି ।

## ଭିକ୍ଷା କରି ଦାନ ଦେଲେ ଲକ୍ଷେ ଟଙ୍କା

ନିଜର ଲୋକ ସବୁ ଚାଲି ଗଲେଣି । ରହିବା ପାଇଁ ଘର ନାହିଁ । ଶୋଇବା ଲାଗି ଖଟ କଥା ଛାଡ, ସପ ଟିଏ ବି ନାହିଁ । ବୃତି ଭିକ୍ଷା ମାଗି ଚଳିବା । ହେଲେ ଭିକ୍ଷା ମାଗି ସଂଚିତ କରି ରଖି ଥିବା ଲକ୍ଷେ ଟଙ୍କାକୁ ସେ ଜଗନ୍ନାଥଙ୍କୁ ଦାନ କରି ଦେଇଛନ୍ତି । ସେ ହେଲେ କନ୍ଧମାଳ ଜିଲା ଫୁଲବାଣୀ ସହରରେ ଭିକ୍ଷାବୃତ୍ତି କରୁଥିବା ୭୦ ବର୍ଷୀୟା ତୁଳା ବେହେରା ।

ତୁଳାଙ୍କ କହିବା ଅନୁସାରେ କଟକ ଜିଲା ଚାଉଳିଆଗଂଜରେ ତାଙ୍କ ଘର । ଯେତବେଳେ ତାଙ୍କ ଅଂଚଳରେ ଅମିନମାନେ ଜମି ମାପଚୁପ କରୁଥିଲେ ସେତେବେଳେ ତାଙ୍କ ରୋଷେଇଆ ପ୍ରଫୁଲ୍ଲ ବେହେରାଙ୍କୁ ଭଲ ପାଇ ତାଙ୍କ ସହ ଫୁଲବାଣୀର ଦୁବଗଡ ଗ୍ରାମକୁ ଚାଲି ଆସିଥିଲେ । ଉଭୟ ବିବାହ କରିବା ପରେ ଜଙ୍ଗଲରୁ କାଠ ବିକ୍ରି କରି ଚଳୁଥିଲେ । କିଛି ବର୍ଷ ପରେ ସେମାନଙ୍କର ଗୋଟିଏ ଝିଅ ହୋଇଥିଲା । ଇତି ମଧ୍ୟରେ ପ୍ରଫୁଲ୍ଲ ନିଶାଶକ୍ତ ହୋଇଯାଇଥିଲେ । ପରିବାର ଚଳିବାରେ ଅସୁବିଧା ହେବାରୁ ସପରିବାର ଫୁଲବାଣୀ ଚାଲି ଆସି ଉଭୟେ ଭିକ୍ଷା ବୃତିକୁ ଆଦରି ନେଇଥିଲେ । ନିଜ ଝିଅକୁ ଫୁଲବାଣୀର ବେଣାପାଜୁ ଗ୍ରାମରେ ବିବାହ ଦେଇଥିଲେ । ତାଙ୍କର ଗୋଟିଏ ଝିଅ ଏବଂ ପୁଅ ହୋଇଥିଲା । କିଛି ଦିନ ପରେ ତୁଳାଙ୍କ ଝିଅ ମୃତ୍ୟୁ ବରଣ କଲେ । ଏହାର କିଛି ବର୍ଷ ପରେ ସ୍ୱାମୀଙ୍କ ଦେହାନ୍ତ ହେଲା । ଭିକ୍ଷା ବୃତିରୁ ମିଳୁଥିବା ଟଙ୍କାରେ ନାତି ନାତୁଣୀଙ୍କୁ ପାଠ ବି ପଢ଼ାଇଲେ । ବିଧିର ବିଧାନ ଥିଲା ଅଲଗା । ନାତୁଣୀର ଦେହ ଖରାପ ହୋଇ ସେ ବି ଆର ପାରିକୁ ଚାଲିଗଲା । ନାତି ଏବେ ବିବାହିତ । ହେଲେ ସେ ଏବେ ପଚାରୁ ନାହିଁ । ଶେଷରେ ସେ ନିଷ୍ପତି ନେଲେ ଯାହା ଦେଇଛି କାଳିଆ । ତାଙ୍କର ବା ଟଙ୍କା କ'ଣ ହେବ । ଧିରେ ଧିରେ ସଂଚୟ ବଢ଼ାଇ ଲକ୍ଷେ ଟଂକା ହେବା ପରେ ଫୁଲବାଣୀ ଜଗନ୍ନାଥ ମନ୍ଦିରକୁ ଦାନ କଲେ । ଏହି ଟଂକାରେ ପୁରୁଣା ଜଗନ୍ନାଥ ମନ୍ଦିରର ମରାମତି କରିବାକୁ ସେ ମନ୍ଦିର କମିଟିକୁ ନିବେଦନ କରିଛନ୍ତି । ଦୀର୍ଘ ୪୦ ବର୍ଷ ହେବ ସେ ଫୁଲବାଣୀ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଓ ସାଇ ମନ୍ଦିରରେ ଭିକ ମାଗୁଛନ୍ତି । ଜଣେ ପରିବା ବ୍ୟବସାୟୀ ତାଙ୍କୁ ୩ ବେଳା ଖାଇବାକୁ ଦେଉଛନ୍ତି । ଆଗାମୀ ଦିନରେ ମଧ୍ୟ ଯାହା ଟଂକା ହେବ, ସେ ଜଗନ୍ନାଥଙ୍କୁ ଦେବେ ବୋଲି କହିଛନ୍ତି ।

## ଡାକ୍ତର ଶଙ୍କର ରାମଚନ୍ଦାନୀ

ସେବାର ଅନ୍ୟ ନାମ ଡାକ୍ତର ଶଙ୍କର ରାମଚନ୍ଦାନୀ । ରୋଗୀଙ୍କ ସେବାକୁ ସେ ବ୍ରତ କରିଛନ୍ତି । ଏକ ଟଙ୍କିଆ କ୍ଲିନିକ, ଏକ ଟଙ୍କିଆ ଔଷଧ, ଜୁନାପାଣି କୁଷ୍ଠ କଲୋନୀକୁ ପୌଷ୍ୟ ଗ୍ରହଣ, କୁଷ୍ଠ ରୋଗୀଙ୍କୁ ବୋହି ରାସ୍ତା ପାରିକରିବା, କୁଷ୍ଠ ରୋଗୀମାନଙ୍କ ସହ ଜନ୍ମଦିନ ପାଳନ କରି ସେମାନଙ୍କ ସହ ଏକାଠି ବସି ଭୋଜନ କରିବା ନେଇ ସେ ସମସ୍ତଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହାସହ ଦରମା ଟଙ୍କାରୁ ୩୦ ପ୍ରତିଶତ କମ କରି ସେହି ଟଙ୍କାକୁ ଗରିବ, ଅବହେଳିତ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରିବା ସହ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

ଡାକ୍ତର ଶଙ୍କରଙ୍କ ଜନ୍ମ ବରଗଡ ଜିଲା ପଦ୍ମପୁରଠାରେ ୧୯୮୨ ମସିହା ଏପ୍ରିଲ ୪ତାରିଖ ଏକ ଗରୀବ ପରିବାରରେ । ମାଆ ରାଜବନ୍ତି ଓ ବାପା ସ୍ୱର୍ଗତ ବ୍ରହ୍ମାନନ୍ଦ ରାମଚନ୍ଦାନୀଙ୍କ ପାଞ୍ଚ ପୁଅ ଓ ଚାରି ଝିଅଙ୍କ ମଧ୍ୟରୁ ଶଙ୍କର ଅନ୍ୟତମ । ପାଞ୍ଚ ଜଣ ଭାଇଙ୍କ ମଧ୍ୟରେ ସେ ସବା ସାନ । ପିଲାବେଳୁ ଶଙ୍କର ଖୁବ୍ ମେଧାବୀ ଥିଲେ । ଅଭାବ ଅସୁବିଧା ସତ୍ତ୍ୱେ ସେ ୨୦୧୪ ମସିହାରେ ହୋଇଥିବା ନିଟ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ପଦ୍ମପୁରରେ ପ୍ରଥମରୁ ଯୁକ୍ତଦୁଇ ପର୍ଯ୍ୟନ୍ତ ପଢ଼ିବା ପରେ ୨୦୦୪ରେ ଡାକ୍ତରୀ ପାଠ ପଢ଼ା ଶେଷ କଲେ । ଏହାପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ । ଏବେ ୩ବର୍ଷ ହେବ ସେ ବୁର୍ଲା ଭୀମସାରରେ ଏସୋସିଏଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । ରୋଗୀ ସେବାରେ ନିଜକୁ ସମର୍ପିତ କରିଥିବା ଡାକ୍ତର ଶଙ୍କର କୁହନ୍ତି , 'ଜଣେ ଡାକ୍ତରଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ରୋଗୀ ସେବା । ମୁଁ ପ୍ରତ୍ୟେକ ଦିନ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭିମସାରରେ ରୋଗୀ ଦେଖେ । ଏହାବାଦ ସନ୍ଧ୍ୟା ୬ଟା ରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଏକ ଟଙ୍କିଆ କ୍ଲିନିକରେ ଗରୀବ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥାଏ । ଏକ ଟିଙ୍କିଆ କ୍ଲିନିକ ଖୋଲିବାକୁ ନେଇ ଅତିତର ଏକ ସ୍ମୃତି ମନେ ପଡେ । ଅଜା ଲକ୍ଷ୍ମଣ ଓ କାକା ପ୍ରକାଶ କର୍କଟ ରୋଗରେ ପିଡିତ ଥିଲେ । ଅର୍ଥ ଅଭାବରୁ ଅଜା ଓ କକାଙ୍କ ଚିକିତ୍ସା କରିବା ଲାଗି ମୋ' ବାପାଙ୍କ ପାଖରେ ଅର୍ଥ ନ ଥିଲା । ଯଦ୍ୱାରା କର୍କଟ ରୋଗରେ ଅଜା ଓ କାକାଙ୍କ ପରଲୋକ ହୋଇଗଲା । ସେହି ଦିନରୁ ବାପା ଆମ୍ଭମାନଙ୍କୁ ଡାକ୍ତରୀ ପାଠ ପଢ଼ାଇବାକୁ ପଣ ନେଇଥିଲେ । ପାଞ୍ଚ ଭାଇରୁ ମୁଁ ଓ ମୋର ବଡ ଭାଇ ଡାକ୍ତର ହୋଇଛୁ । କିନ୍ତୁ ପଦ୍ମପୁର ସହରରେ ନର୍ସିଂ ହୋମ ଖୋଲିବାକୁ ଆମର ସମ୍ବଳ ନ ଥିଲା । ସେଥିପାଇଁ ସେବା ମନୋଭାବ ନେଇ ୨୦୨୧ ମସିହା ଫେବୃୟାରୀ ୧୨ ତାରିଖରେ ଏକ ଟଙ୍କିଆ କ୍ଲିନିକ ଶୁଭାରମ୍ଭ ହୋଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ୨୮ହଜାର ୮ଶହ ୭୧ଜଣ ଗରୀବ ରୋଗୀଙ୍କ ଚିକିତ୍ସା କରାଯାଇଛି । ମୁଁ ମାସ କରେ ଦୁଇ ଦିନ ଛୁଟି ନେଇ ପଦ୍ମପୁରଠାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥାଏ । ସଂପ୍ରତି ରୋଗୀମାନଙ୍କୁ ଏକ ଟଙ୍କାରେ ଔଷଧ ଦେବା ମଧ୍ୟ ଆରମ୍ଭ କରିଛି । ନୂତନ ବର୍ଷରୁ ଏକ ଟଙ୍କିଆ ଅଟୋ ସେବା ଆରମ୍ଭ ହେବ । ଯେଉଁ ରୋଗୀମାନେ ଏକଟଙ୍କିଆ କ୍ଲିନିକକୁ ଆସି ପାରିବେ ନାହିଁ, ସେମାନଙ୍କୁ ଏକ ଟଙ୍କିଆ ଅଟୋ ସେବା ପ୍ରଦାନ କରାଯିବକୁ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷେ ମାସିକ ଦରମା ଟଙ୍କାରୁ ୩୦ ପ୍ରତିଶତ କମ କରିବା ନେଇ ୨୦୨୨ ମସିହା ନଭେମ୍ବର ୧୯ ତାରିଖ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରିଛି । ଆମକୁ ରାଜ୍ୟ ସରକାର ଚଳିବାକୁ ବହୁତ ଟଙ୍କା ଦେଉଛନ୍ତି । ଯେଉଁଥିରେ ଆମେ ଖୁସିରେ ଚଳୁଛୁ । କିନ୍ତୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗରୀବ ଲୋକମାନେ ଅଛନ୍ତି ଯେଉଁମାନେ ଦୁଃଖରେ ସମୟ କଟାଉଛନ୍ତି । ସେମାନଙ୍କ ସକାଶେ ୩୦ ପ୍ରତିଶତ ଦରମା କାଟିବାକୁ କହିଛି । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ୩୦ ପ୍ରତିଶତ ଟଙ୍କା କଟାଯାଇ ନାହିଁ । ତେଣୁ ରୋଗୀଙ୍କ ସେବା ଲାଗି କିଛି ଦିନ ତଳେ ୭୦ ହଜାର ଟଙ୍କାର ଔଷଧ କିଣାଯାଇଛି । ଏହି କାର୍ଯ୍ୟ ସକାଶେ ସ୍ତ୍ରୀ ଡାକ୍ତର ଶିଖା ରାମଚନ୍ଦାନୀ ମଧ୍ୟ ପ୍ରୋତ୍ସାହିତ କରୁଛନ୍ତି । ରୋଗୀ ସେବା ସହ ସ୍ତ୍ରୀ, ଦୁଇ ଯାଆଁଳା ଝିଅ ରିଦ୍ଧି ଓ ରିଆଂଶି ଏବଂ ପରିବାର ସହିତ ବେଶ୍ ଖୁସିରେ ଅଛି ।

କୁହାଯାଏ, କିଛି ଲୋକଙ୍କ ସହୃଦୟତା ଓ ଭଲ କର୍ମ ପାଇଁ ଏ ଦୁନିଆ ତିଷ୍ଠିଛି ; ସତରେ ଦେଖିବାକୁ ଗଲେ ଏହି ମଣିଷମାନେ ହେଉଛନ୍ତି ତାହାର ଗୋଟିଏ ଗୋଟିଏ ଉଦାହରଣ ।

**-ରୋଜାଲିନ୍ ମହାନ୍ତି**

***ତଥ୍ୟ ସହାୟତା: ନରେଶ ପଟ୍ଟନାୟକ, ବି.ଶଙ୍କର, ରାକେଶ ରାଉତ, ଭାଗ୍ୟଶ୍ରୀ ମିଶ୍ର***




ଗଙ୍ଗାଧର ରାଉତ



ତୁଳା ବେହେରା

# ଖ୍ରୀଷ୍ଟମାସ ଲୁକ୍

ଖ୍ରୀଷ୍ଟମାସ ପରି ଏକ ବିଶେଷ ଅବସରରେ ଆକର୍ଷଣୀୟ ଲୁକ୍ ପାଇବାକୁ ଏବେ ଯୁବତୀଙ୍କ ଭିତରେ ବେଶ୍ ଆଗ୍ରହ ରହୁଥିବା ଦେଖିବାକୁ ମିଳୁଛି। ସେମାନଙ୍କ ପାଇଁ ଏମିତି କିଛି ଟିପ୍ସ ରହିଛି, ଯାହାକୁ ଆପଣାଇ ସେମାନେ ଅତି ସହଜରେ ଆକର୍ଷଣୀୟ ଖ୍ରୀଷ୍ଟମାସ ଲୁକ୍ ପାଇପାରିବେ...





* **ଆଉଟ୍‌ଫିଟ୍:** ଖ୍ରୀଷ୍ଟମାସ ଅବସରରେ ସାଣ୍ଟା କ୍ଲଜ୍ ଡ୍ରେସ୍ ପିନ୍ଧିବା କିମ୍ବା ମୁଣ୍ଡରେ କେବଳ ସାଣ୍ଟାର ଟୋପି ଲଗାଇ ଟିକେ ଡିଫରେଣ୍ଟ ଦେଖାଯିବାକୁ ଅନେକେ ଟ୍ରାଏ କରିଥାନ୍ତି। ଏହାବ୍ୟତିତ ଏବେ ମାର୍କେଟ୍‌ରେ ଖ୍ରୀଷ୍ଟମାସ ଟ୍ରି ଥିମ୍‌ର ଗାଉନ୍ ବି ମିଳିଲାଣି ; ଯୁବତୀ ଚାହିଁଲେ ଏହାକୁ ମଧ୍ୟ ପିନ୍ଧି ଭିନ୍ନ ଲୁକ୍ ପାଇପାରିବେ। କିନ୍ତୁ ଯେଉଁ ଯୁବତୀ ଥିମ୍ ବେସ୍‌ଡ ଆଉଟ୍‌ଫିଟ୍ ନ ପିନ୍ଧି କିଛି ଅଲଗା ଟ୍ରାଏ କରିବାକୁ ଇଚ୍ଛୁକ, ସେମାନେ ଚାହିଁଲେ ରେଡ୍ କଲର୍‌ର ସ୍ୱେଟ୍‌ସାର୍ଟ ସାଙ୍ଗକୁ ହ୍ୱାଇଟ୍ ବଟମ୍ ଟ୍ରାଏ କରିପାରିବେ। ନଚେତ୍ ସିକ୍ୱିନ୍ ଡ୍ରେସ୍ ହେଉ ଅବା ସିକ୍ୱିନ୍ ଟପ୍ସ ବା ଜ୍ୟାକେଟ୍ ପିନ୍ଧି ଆକର୍ଷଣୀୟ ଖ୍ରୀଷ୍ଟମାସ ଲୁକ୍ ପାଇପାରିବେ।

* **ସ୍ୱେଟର୍ ଡ୍ରେସ୍:** ଆଜିକାଲି ଖ୍ରୀଷ୍ଟମାସର ବିଭିନ୍ନ ଥିମ୍‌କୁ ନେଇ ଆକର୍ଷଣୀୟ ସ୍ୱେଟର୍ ହେଉ ଅବା ସ୍ୱେଟର୍ ଡ୍ରେସ୍ ବି ମାର୍କେଟ୍‌ରେ ମିଳିଲାଣି। ଯୁବତୀ ଚାହିଁଲେ ଏହାକୁ ମଧ୍ୟ ପିନ୍ଧି ଟିକେ ଭିନ୍ନ ଲୁକ୍ ପାଇପାରିବେ।

* **ଜୁଏଲେରୀ:** ଯଦି ଖ୍ରୀଷ୍ଟମାସ ଦିନ ଆପଣଙ୍କର କୌଣସି ଇଭିନିଂ ପାର୍ଟିକୁ ଯିବାର ଥାଏ, ତା'ହେଲେ ରେଡ୍ ହେଉ ଅବା ଗୋଲ୍ଡେନ୍ କଲର୍‌ର ଗାଉନ୍ ସାଙ୍ଗକୁ ବେକରେ ଲେୟାର୍ ଚେନ୍ ଓ ହାତରେ ସିଲଭର୍ କିମ୍ବା ଗୋଲ୍ଡ ପ୍ଲେଟେଡ୍‌ର ବ୍ରେସ୍‌ଲେଟ୍ ପିନ୍ଧିବା ଏକ ଭଲ ଅପ୍ସନ ହେବ। ଯଦି ଆପଣଙ୍କର ଟ୍ରାଡିସନାଲ୍ ଜୁଏଲେରୀ ପିନ୍ଧିବା ପସନ୍ଦ, ତା'ହେଲେ ଏ କ୍ଷେତ୍ରରେ ଅକ୍ସିଡାଇଜ୍‌ଡ କିମ୍ବା ସିଲଭର୍ ପ୍ଲେଟେଡ୍‌ର ଝୁମ୍‌କା ଅଥବା ହୁପ୍ ଇୟର୍ ରିଂ, ଡ୍ରାପ୍ ଇୟର ରିଂକୁ ବି ଟ୍ରାଏ କରାଯାଇପାରେ। ନଚେତ୍ ଯୁବତୀ ଚାହିଁଲେ ଗୋଲ୍ଡ ପ୍ଲେଟେଡ୍‌ର ଚାନ୍ଦବାଲି ଇୟର ରିଂକୁ ବି ନିଜ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ଏହିଦିନ ପିନ୍ଧିପାରିବେ।

* **ଫୁଟୱେର:** ଷ୍ଟିଲେଟୋଜ୍, ବ୍ଲାକ୍ ହିଲ୍ସ, ଫ୍ଲାଟ୍ ଶୁଜ୍, ୱେଜେସ୍, ପ୍ଲାଟଫର୍ମ ହିଲ୍ସ ଇତ୍ୟାଦି ହେଉଛି ଖ୍ରୀଷ୍ଟମାସ ଅବସରରେ ପିନ୍ଧିବା ପାଇଁ ପରଫେକ୍ଟ ଫୁଟ୍‌ୱେର୍। ଯୁବତୀମାନେ ନିଜ ଆଉଟ୍‌ଫିଟ୍‌କୁ ମ୍ୟାଚିଂ କରି ୟା' ଭିତରୁ ଯେ କୌଣସି ଫୁଟ୍‌ୱେର୍‌କୁ ପିନ୍ଧି ଆକର୍ଷଣୀୟ ଖ୍ରୀଷ୍ଟମାସ ଲୁକ୍ ପାଇପାରିବେ।

* **ମେକ୍‌ଅପ୍:** ପରଫେକ୍ଟ ଖ୍ରୀଷ୍ଟମାସ ଲୁକ୍ ପାଇବାକୁ ହେଲେ କେବଳ ଆକର୍ଷଣୀୟ ଡ୍ରେସ୍, ଜୁଏଲେରୀ କିମ୍ବା ତାକୁ ମ୍ୟାଚିଂ କରି ଫୁଟ୍‌ୱେର୍ ପିନ୍ଧିଦେଲେ ତ ହେବ ନାହିଁ, ହାଲ୍‌କା ମେକ୍‌ଅପ୍ ନେବା ବି ଜରୁରୀ। ଖାସ୍‌କରି ଖ୍ରୀଷ୍ଟମାସ ଅବସର ପାଇଁ ଓଠରେ ବୋଲ୍ଡ ଲିପ୍‌ଷ୍ଟିକ୍ ଲଗାଇବା ସହିତ ଆଖିରେ କାଜଲ, ଆଇଲାଇନର୍, ମସ୍କାରା ଏବଂ ଗ୍ଲିଟର୍ ବେସ୍‌ଡ ଆଇଶ୍ୟାଡ଼ୋ ଲଗାଇବା ବି ଜରୁରୀ। କେବଳ ସେତିକି ନୁହେଁ, ହାଇଲାଇଟର୍‌କୁ ଫାଉଣ୍ଡେସନ୍ ସାଙ୍ଗରେ ମିଶାଇ ମୁହଁରେ ଲଗାଇଲେ ତ୍ୱଚା ବହୁତ ସମୟ ଧରି ଗ୍ଲୋ କରିଥାଏ ; ଯାହା ଏହି ଖାସ୍ ଅବସର ପାଇଁ ନିହାତି ଆବଶ୍ୟକ।








# ଜୀବନର ପ୍ରତିଟି ଅନୁଭୂତି ଗୋଟେ ଗୋଟେ ଗୀତ

**ଥରେ ମୋ ପାନ ଦୋକାନକୁ ଆସିଥିବା ଜଣେ ଗ୍ରାହକଙ୍କୁ ମୁଁ ମୋ ଗୀତ ଲେଖାଥିବା କାଗଜରେ ପାନ ଗୁଡେଇ ଦେଇଥିଲି। ସେ ସେଇ କବିତା ପଢ଼ି ମତେ ପଚାରିଲେ ଏ ଗୀତ କିଏ ଲେଖିଛନ୍ତି? ମୁଁ ହଠାତ୍ କହିଦେଇଥିଲି ମୋ ବାପା ଲେଖିଛନ୍ତି। ହେଲେ ପରେ ତାଙ୍କୁ ମୁଁ ଲେଖିଛି ବୋଲି କହିଥିଲି। ସେ ବହୁତ ପ୍ରଂଶସା କଲେ..**

ପିଲାଟିଦିନରୁ ତାଙ୍କର ମନରେ ଗୀତ ପ୍ରତି ଥିଲା ପ୍ରବଳ ଦୁର୍ବଳତା। ସ୍କୁଲ ବୟସରୁ ସେ ଗୀତ ଗାଇ ଆସୁଥିଲେ। ସମୟକ୍ରମେ ଗୀତ ଲେଖିବା ସହ ସଙ୍ଗୀତ ନିର୍ଦ୍ଦେଶନା ବି ଦେଲେ । ଏମିତିରେ ଅନେକ ଭଜନ, ଆଲବମ ଓ ସିନେମା ଗୀତ ଲେଖିସାରିଲେଣି। ଆଲବମ୍ ଗୀତ ମଧ୍ୟରେ – ‘ମେଘରେ ମେଘ...’ ‘ବୋଉ ହାତ ନାଲି ଚା’...ମାନନୀୟ ଶଶୁରେ... ଏବଂ ଭଜନରେ ‘ଯାହା ଦୁଃଖ ଦେଲ ସବୁ ମୁଁ ସହିଲି..’ ଆଦି ଲେଖିଛନ୍ତି। ସେ ଏକାଧାରରେ ଜଣେ ଗୀତିକାର, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି। ତାଙ୍କ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଓଁକାରନାଥ ଲେଙ୍କା। ଜନ୍ମ ୧୯୭୨ ମେ ୧ତାରିଖରେ। ପିତା କେଶବଚରଣ ଲେଙ୍କା, ମାତା ଶଶିରେଖା ଲେଙ୍କା।







ଘର ଜଗତ୍‌ସିଂହପୁର ଜିଲାର ମଣ୍ଡାସାହି ଅନ୍ତର୍ଗତ ପଳାସା ଗାଁରେ। ସେ କୁହନ୍ତି ଦେବୀନଦୀ କୂଳରେ ମୋ ଗାଁ । ପିଲାଟି ଦିନରୁ ମୋ ଗାଁର ପ୍ରାକୃତିକ ପରିବେଶରେ ଗୀତ ଗାଇବାକୁ ଭଲପାଉଥିଲି। ମାତ୍ର ଗୀତ କେମିତି ଲେଖନ୍ତି ତାହା ଜାଣି ନ ଥିଲି। ଘରେ ବାପାଙ୍କଠାରୁ ପୁରାଣ ଭଜନ ଶୁଣୁଥିଲି,ଏହା ମୋତେ ପ୍ରେରଣା ଦେଉଥିଲା। ବିଭିନ୍ନ ସ୍କୁଲରେ ଗୀତ ପ୍ରତିଯୋଗିତାରେ ଭାଗନେଉଥିଲି। ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ଥରେ ମୁଁ ଜଗତ୍‌ସିଂହପୁର ଜିଲା, ବାଗଲପୁରର ଏକ ଅନୁଷ୍ଠାନକୁ ଯାଇ ଗୀତ ଗାଇବାର ଥିଲା । ସାର୍ ଏକ ଗୀତ ଦେଇଥିଲେ ଗାଇବାକୁ। ତାହା ଥିଲା ଏକ ସୁନ୍ଦର ଭଜନ। ତାକୁ ଗାଇ ସେଠି ଅନେକ ପ୍ରଶଂସା ସହ ପୁରସ୍କାର ବି ପାଇଲି। ପଛରେ ସାର୍ ମତେ କହିଲେ ଜାଣିଛୁ, ଏ ଗୀତଟି କିଏ ଲେଖିଛନ୍ତି ? ମୁଁ କହିଲି, ନା। ସେ କହିଲେ ତୁମ ବାପା। ସେଦିନ ବହୁତ ଖୁସି ଲାଗିଥିଲା। ଆଉ ସେବେଠୁ ଗୀତ କିଭଳି ଛନ୍ଦରେ ଲେଖାଯାଏ ଜାଣିପାରିଥିଲି। ଆଉ ଗୀତ ଲେଖିବାର ନିଶା ମୋ ମନରେ ଜାଗ୍ରତ ହୋଇଥିଲା। କିଛି କିଛି ଲେଖାଲେଖି ବି କଲି। ତା’ସହ ବିଭିନ୍ନ ସ୍ଥାନରେ ଗୀତ ମଧ୍ୟ ଗାଉଥିଲି। ଏହା ଭିତରେ ସ୍କୁଲରୁ ପାଠପଢ଼ା ଶେଷ କଲି। ଏହାପରେ ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ କଟକରେ ଯୁକ୍ତ ୨ ପାଠପଢ଼ା ସାରିଲି। ପରେ ଦେବୀକନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟ ଏରଞ୍ଚରେ ପଢ଼ିଲି। କଲେଜ ସମୟରେ ମୁଁ ବହୁତ ଗୀତ ଲେଖିଛି। ୧୯୯୨ରେ ବି.ଏ. ପାସ୍ ପରେ କ’ଣ କରିବି ବୋଲି ଚିନ୍ତାକଲି। ଏଥିପାଇଁ ରାଉରକେଲା ଗଲି । ସେଠାରେ କେତେଜଣ ସ୍କୁଲପିଲାଙ୍କୁ ଟିଉସନ କରି କିଛି ରୋଜଗାର କଲି। ତଥାପି ଅଭାବ ଲାଗିରହିଲା। କିଛି ମାସପରେ ଗାଁକୁ ଫେରିଆସିଥିଲି। ଏହା ପରେ ୧୯୯୫ରେ ଭୁବନେଶ୍ୱର ଆସିଲି। ଏକ ଘରୋଇ ସଂସ୍ଥାରେ କିଛିଦିନ କାମ କଲି। ବଳକା ସମୟରେ ଏକ ପାନ ଦୋକାନ ଦେଇ ସେଥିରେ ଯାହା କିଛି ରୋଜଗାର ହେଲା ଚଳିଲି। ରାତିରେ ଷ୍ଟ୍ରିଟ୍ ଲାଇଟ୍ ତଳେ ବସି ଗୀତ ଲେଖୁଥିଲି। କ୍ୟାବିନ୍ ଭିତରେ ଶୋଉଥିଲି। ଥରେ ମୋ ପାନ ଦୋକାନକୁ ଆସିଥିବା ଜଣେ ଗ୍ରାହକଙ୍କୁ ମୁଁ ମୋ ଗୀତ ଲେଖାଥିବା କାଗଜରେ ପାନ ଗୁଡେଇ ଦେଇଥିଲି। ସେ ସେଇ କବିତା ପଢ଼ି ମତେ ପଚାରିଲେ ଏ ଗୀତ କିଏ ଲେଖିଛନ୍ତି ? ମୁଁ ହଠାତ୍ କହିଦେଇଥିଲି ମୋ ବାପା ଲେଖିଛନ୍ତି। ହେଲେ ପରେ ତାଙ୍କୁ ମୁଁ ଲେଖିଛି ବୋଲି କହିଥିଲି। ସେ ବହୁତ ପ୍ରଂଶସା କଲେ। ଆଉ କହିଲେ ମୋର ଜଣେ ସାଙ୍ଗ କ୍ୟାସେଟ୍ କମ୍ପାନୀ(ଶିବମ୍ ପ୍ରଡକ୍ସନ) କରିଛନ୍ତି। ଚାଲ ତାଙ୍କ ସହ ଭେଟ କରାଇଦେବି। ତାଙ୍କ ସହ ଭେଟ ହେବା ପରେ ପ୍ରଥମେ ଏକ ଭଜନ କ୍ୟାସେଟ୍ ‘ତୋ ପାଦେ ଶରଣ’ ପାଇଁ କାମ କରିବାର ସୁଯୋଗ ପାଇଲି। ସେହି କ୍ୟାସେଟ୍‌ରେ ମୁଁ ୮ଟି ଗୀତ ଲେଖିବା ସହ ୩ଟି ଗୀତକୁ ନିଜେ ଗାଇଥିଲି। ଏହି କ୍ୟାସେଟ୍‌ର ଏକ ଗୀତ ‘‘ଯଦି ପାପ କରି ଜଣେ ତରୁଛି, ମୁଁ ପାପ ନ କରିକି ମରୁଛି, ଏବେ ଜୀବନ ସାରା ପାପ କରିବି ମଲାବେଳେ ତୋ ନାଁ ଧରିବି, କେମିତି ବୈକୁଣ୍ଠ ନବୁ ମୁଁ ଦେଖିବି’’ ବହୁତ ହିଟ୍ ହୋଇଥିଲା। ମୋର ଏଇ ଗୀତକୁ ମନ୍ମଥ ମିଶ୍ର ସ୍ୱର ସଂଯୋଜନା ଦେଇଥିଲେ। ଏହାପରେ ‘ପ୍ରୀତି ଅର୍ପଣ’ ଥିଲା ମୋର ପ୍ରଥମ ଆଧୁନିକ ଗୀତ କ୍ୟାସେଟ୍। ଏମିତିରେ କାମ କରି ଚାଲିଲି। ଆଉ ଗୀତିକାରର ପରିଚୟ ପାଇଲି। ଏବେ ମୁଁ ଗାଇଥିବା କିଛି ଗୀତ ଯେମିତିକି ‘ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ ପଦୁ ଗଳୁଛି ମକରନ୍ଦ’, ‘ଛଅ ଖଣ୍ଡ ବାଉଁଶକୁ ନଅ ଖଣ୍ଡ ବାନ୍ଧୁଣୀ’ ବହୁତ ହିଟ୍ ହେଇଛି। ପୁରସ୍କାର ଭାବେ ସ୍କୁଲ ବୟସରୁ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ପାଇଁ ପୁରସ୍କାର ପାଇଥିଲି।



ଜଗତ୍‌ସିଂହପୁର ଜିଲା ମହୋତ୍ସବରୁ କଲ୍ଲୋଳ ସମ୍ମାନ, ବରଗଡ଼ ସାଂସ୍କୃତିକ ଅନୁଷ୍ଠାନରୁ ସାଇ ସାଂସ୍କୃତିକ ସମ୍ମାନ, ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ କଳିଙ୍ଗ ପ୍ରତିଭା ସମ୍ମାନ ଆଦି ଏକାଧିକ ପୁରସ୍କାର ମିଳିଛି। ପରିବାରରେ ଆମେ ତିନିଭାଇ, ବାପା, ବୋଉ, ମୋର ପତ୍ନୀ ଏବଂ ଗୋଟିଏ ପୁଅକୁ ନେଇ ମୋର ସଂସାର। ମହାପ୍ରଭୁଙ୍କ ଭଜନ ଗାଇବାରେ ମତେ ଆତ୍ମସନ୍ତୋଷ ମିଳେ । କିନ୍ତୁ ସାମ୍ପ୍ରତିକ ଘଟଣାରେ ଅନୁଭବ କରିଥିବା ସତ୍ୟକୁ ନେଇ ଗୀତ ଲେଖିବା ଓ ଗାଇବା ସବୁ ଇଚ୍ଛାମୟଙ୍କ ଇଚ୍ଛାରେ ହୁଏ ବୋଲି ଅନୁଭବ କରେ। ତେବେ ମୋ ଜୀବନର ପ୍ରତିଟି ଅନୁଭୂତି ଗୋଟେ ଗୋଟେ ଗୀତ।

**–ବନବିହାରୀ ବେହେରା**





# ଅଙ୍କକଷା

**–ଜୟନ୍ତୀ ବେହେରା**

ଅଙ୍କକଷାରେ ଜୀବନ ସୂତ୍ର
ଜୀବନର ପ୍ରତି ପଦରେ ଅଙ୍କକଷା
କିଏ କାହା ସହ ଜଡ଼ିତ ?
ବୁଝ ଅବା ନ ବୁଝ
ଭୋଗ ଓ ଭାଗ୍ୟର
କଡ଼ ଲେଉଟାଣି ଖେଳ
ଖେଳଉଥାଏ ତୁହାକୁ ତୁହା ।

କେବେ ଭୋଗର ଅଙ୍କକଷାରେ
ଭାଗ୍ୟ ବଳି ପଡ଼ିଯାଏ ତ
କେବେ ଅଙ୍କକଷାର ଭାଗ୍ୟରେ
ଭୋଗ ବାଦ ପଡ଼ିଯାଏ ।
ଭୋଗର ଭାଗଟା
ସୁଖ ହେଉ କି ଦୁଃଖ
ବୁଝ ଅବା ନ ବୁଝ
ଜୀବନ ମାନଚିତ୍ରର ମାନସାଙ୍କ
ବଦଳୁ ଥାଏ ତୁହାକୁ ତୁହା ।

*– ଖଲ୍ଲିକୋଟ, ଗଞ୍ଜାମ*
*ମୋ: ୭୯୭୮୨୬୨୪୧୩*

# ଭୋକ

**–ସୁଚିତ୍ରା ମିଶ୍ର**


ଶାଳପତ୍ର ଠୋଲାରେ ପାଞ୍ଚ ଟଙ୍କାର ଘୁଗୁନି କିଣି ପୁଅକୁ ଧରେଇଦେଲା ଗୁରେଇ । ସେତିକିବେଳୁ ଛୁଆଟା ଡାହାଣାଙ୍କ ପରି ଚାହିଁ ରହିଥିଲା ପିତେଇ ସାହୁର ସେ ବଡ଼ ରସହାଣ୍ଡିଟାକୁ । ତା' ଭିତରେ ନାଲିପାଣିରେ ଡୁବ ଖାଉଥିବା ଚେପା ଗିନାଟିରେ ଦି'ଟା ଆଳୁ ଆଉ ହାତ ଗଣତି ମଟର କେତେଟା ମଝିରେ ମଝିରେ ହାତ ବୁଡ଼େଇ ଟାଣିଆଣୁଥିଲା ପିତେଇ । ତା' ଉପରେ ଯନ୍ତ୍ରଚାଳିତ ପରି ଛିଞ୍ଚି ଦେଉଥିଲା କଟା ପିଆଜ ସହିତ ଖୋଲାମେଲା ହୋଇ ପଡ଼ିଥିବା ପ୍ଲାଷ୍ଟିକ୍ ଡବା ଭିତରୁ କିଛି କିଛି ନାଁ ଅଜଣା ଗୁଣ୍ଡ । ଉପରେ ଛିଞ୍ଚାଡ଼ି ହୋଇ ପଡ଼ିଥିବା ନାମମାତ୍ର ଧନିଆପତ୍ର କେତେଟା ପୂରା ଦନାଟିକୁ କେମିତି ଗୋଟେ ଲୋଭିଲା ଲୋଭିଲା ରଙ୍ଗରେ ରଙ୍ଗେଇ ଦେଉଥିଲା । ପିତେଇର କହୁଣି ପର୍ଯ୍ୟନ୍ତ ଅଦୃଶ୍ୟ ହୋଇଯାଉଥିବା ହାତଟିକୁ ସେଇ ତଳୁ ଚାହିଁ ରହିଥିଲା ଛୁଆଟା, ଆଉ 'ମାଆ ମୁଁ, ମାଆ ମୁଁ ...' – କହି କହି ଗୁରେଇର ପିନ୍ଧାଲୁଗାଟିକୁ ଝିଙ୍କି ପକାଉଥିଲା ।

ସାରା ସକାଳୁ ପୁଅକୁ ନେଇ ଘରୁ ବାହାରିଛି ଗୁରେଇ । ନିଜ ପେଟ ତ ଭୋକରେ ଗୁରାଣ୍ଡି ହୋଇପଡ଼ିଲାଣି – ଆଉ ଉତିଆଣି ପିଲାଟା ! ଗୁରେଇ କୋଳକୁ ଉଠେଇନେଲା ପୁଅକୁ । ଛାତିରୁ ଲୁଗା ଆଡ଼େଇ ଶୁଖିଲା ଥନଟିରେ ମୁହଁ ଗୁଞ୍ଜିଦେଲା ପିଲାଟାର । ଆଉ ମାସକ ପରେ ତିନି ପୂରିବ ପୁଅକୁ । ରେକେଟି ରେକେଟି କ୍ଷୀରଟୋପେ ଦି' ଟୋପା କାଢ଼ିନେଲା ପରେ ଛୁଆଟା ପୁଣି ସେ ରସ ଡେକ୍ଚିଟାକୁ ଅନିଶା କଲା । ଧଳା ପାଣିଠୋପାଟିଏକୁ ଓଠରେ ଚାଟୁଚାଟୁ କ୍ଷୀଣ ସ୍ୱରରେ ମାଆ ପାଖରେ ସେଇ ଅପୂର୍ବ ଦ୍ରବ୍ୟଟିର ମାଗୁଣି କରୁଥିଲା ସେ ।

ଗୁରେଇ ଅଣ୍ଟାରେ ହାତ ମାରିଲା । ପାଞ୍ଚ–ଟଙ୍କିଟା ଖୋଷିଛି ଅଣ୍ଟାରେ । ଚାରି ବିଡ଼ା ଶାଗ, ଦି' କିଲୋ ବଣସାରୁ, ଦଶଟା ଟମାଟୋ, ପୁଞ୍ଜାଏ କଞ୍ଚାଲଙ୍କା ବିକି ଟଙ୍କା କେତେଟା ପାଇଥିଲା । ଦାମ ଦୋକାନରେ ବାକି ପଇସା ଶୁଝି ଦେବାପରେ ପାଞ୍ଚ ଟଙ୍କା ବଳିଥିଲା । ସେଇଥିରେ କିଣିବ ଚୁଡ଼ିମୁଠେ ନାଲିଚୁଡ଼ି । ନଳି ନଳି ଦି' ହାତକୁ ନିରିଖେଇ ଦେଖିଲା ଗୁରେଇ । ତା' ହାତରୁ ଚୁଡ଼ିତକ ଭାଙ୍ଗିଦେଇ ବରଷକର ପୁଅକୁ କୋଳରେ ଛାଡ଼ିଦେଇ ମଣିଷଟା ଚାଲିଗଲାପରେ ଗୁରେଇ ନିଃସ୍ୱ ହୋଇପଡ଼ିଥିଲା । ପେଟକୁ ଦାନା ଗଣ୍ଡିଏ ଯୋଗାଡ଼ କରୁକରୁ ପୁଅ ପାଇଁ ଗୁଣ୍ଡକ୍ଷୀର ଟୋପେ କେଉଁଠୁ ଆସିବ ଭାବିବା ଭିତରେ ତା' ନିଜର ଲଙ୍ଗଳା ହାତଟାକୁ ଅନେଇବାକୁ ସମୟ କେଉଁଠୁ ପାଇଲା ଯେ ! ଆଜି ଏତେଦିନ ପରେ ଚୁଡ଼ିମୁଠେ କିଣିବ ବୋଲି ମନ କରିଥିଲା ସେ । ହାତକୁ ଚାହିଁଲା ଅନେକ ଦିନପରେ । ଖୁବ୍ ବେଶି ନିଆଶ୍ରୀ ଲାଗିଲା ଆଜି ନିଜ ହାତ ଦି'ଟା । ଚୁଡ଼ି ପିନ୍ଧିବାକୁ ବେଶି ବେଶି ମନହେଲା ତା'ର । ସେଇଥିପାଇଁ ତ ଏପଟ ସେପଟ ହେଉଥିଲା ହାଟ ମଝିରେ ।

ଘୁଗୁନି ବିକୁଥିଲା ପିତେଇ ସାହୁ । ପାଖରେ ବସିଗଲା ଘଡ଼ିଏ । ମାଜିଦେଲା ଦି' ଚାରିଟା ରସ ହାଣ୍ଡି ଆଉ ବୋଝେ ଦରଭଙ୍ଗା କପ୍ ପ୍ଲେଟ୍ । ଦେହଟା ଘୋଳେଇ ହୋଇଯାଉଥିଲା । ପୁଅଟାକୁ ବି ଭୋକ ହେବଣି । ଗୁରେଇ ଧୀରେ ଅଧାଭଙ୍ଗା କାନ୍ଥ ପାଖରେ ପୁଅକୁ ବସେଇ ଦେଇ ଖୋଷଣି ହୁଗୁଳା କଲା, ପିତେଇ ହାତକୁ ପାଞ୍ଚ–ଟଙ୍କିଟା ବଢ଼େଇ ଦେଇ ଶାଳ ପତ୍ରରେ ତେଲ ଜୁବୁବୁବୁ ଘୁଗୁନି ଠୋଲାଟେ ନେଇ ପୁଅ ହାତରେ ଧରେଇଦେଲା ଆଉ ତାକୁ ଆଉଜେଇନେଲା ନିଜ ଆଡ଼କୁ । ରାସ୍ତା ସେପଟୁ ଦି' ଟା ବୁଲା କୁକୁରଙ୍କ ଡାହାଳ ଆଖି ନିବଦ୍ଧ ଥିଲା ପୁଅ ହାତର ସେ ଶାଳ ପତରର ଠୋଲାଟା ଉପରେ ।

*–ବ୍ୟାଙ୍କ୍ ହାଉସ୍, ଆର୍‌ବିଆଇ ଅଫିସର୍ସ କ୍ୱାଟର୍ସ ୧୫୬*
*ମୁମ୍ବାଇ, ମୋ: ୯୯୩୦୮୨୭୪୪୮*





# ସଙ୍କେତ

**–ଗଜାନନ ମିଶ୍ର**

ଯାଇପାରିଲି ଟିକିଏ
ବାହାରକୁ ଯେତେବେଳେ
ଇନ୍ଦ୍ରଧନୁ ଭିତରେ ଏତେ ନିଆଁ
ଦିଶୁଥିଲା ଦାଉ ଦାଉ ମତେ ।
କହିଲେ ମା',
ଦେଖ୍ ନା ପୁଅ ସେଆଡ଼ିକି

ଆଉ ହ' ନା ବୋକା
ଅନ୍ତତଃ ମୁଁ ଥିବା ଯାଏ ।

କଳ୍ପନା ପାରୁ ନ ଥିଲି କରି,
ସମୁଦ୍ର କୂଳର ଏ ଘର ସତରେ
ସେମିତି ଥିବ ପ୍ରକାଣ୍ଡ ଝଡ଼ରେ !

ପାରୁ ନ ଥିଲି କହି କିଛି
କି ପାରୁ ନ ଥିଲି ଠଉରେଇ
ବିରୋଧାଭାସରେ ପ୍ରେମ
ସଙ୍କେତ ।

*–ତପୋବନ,*
*ଟିଟିଲାଗଡ଼, ଓଡ଼ିଶା*
*ମୋ: ୮୨୪୯୦୮୫୫୦୯*

# ସ୍ମୃତିରେ ୨୦୨୨



**ପ୍ରଚ୍ଛଦ ପ୍ରସଙ୍ଗ:** ଛୁଟିଦିନର ହୃଦୟ କହିଲେ ପ୍ରଚ୍ଛଦ ପ୍ରସଙ୍ଗକୁ ବୁଝାଏ। ଅନେକ ସମୟୋପଯୋଗୀ ବିଷୟବସ୍ତୁକୁ ବେଶ୍ ନିଆରା ଶୈଳୀରେ ଏହି ପୃଷ୍ଠାରେ ଉପସ୍ଥାପନ କରାଯାଇଥିଲା ପାଠକଙ୍କ ପାଇଁ। ସେଥିମଧ୍ୟରୁ କିଛି ନିମ୍ନରେ...

**କର୍ମ ହିଁ ଭଗବାନ୍:** ଏହି ପ୍ରଚ୍ଛଦରେ କେତେଜଣ ଉଚ୍ଚଶିକ୍ଷିତ ରାସ୍ତା କଡ଼ ବ୍ୟବସାୟୀଙ୍କ କଥା ଉଲ୍ଲେଖ କରାଯାଇଥିଲା, ଯେଉଁମାନେ କି ଚାକିରି ପଛରେ ନ ଦୌଡି ସହରର ଗଳି କନ୍ଦିରେ ନିଜର ଛୋଟିଆ ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ହୋଇଛନ୍ତି। କୌଣସି କାମ ଛୋଟ କି ବଡ଼ ହୋଇପାରେନା ଓ କର୍ମ ହିଁ ଭଗବାନ୍, ଏହି କଥାକୁ ବିଶ୍ୱାସ କରି ସେମାନେ ଆଗେଇ ଚାଲିଛନ୍ତି।

**ଅନନ୍ୟା:** ଦିନ ଥିଲା ସ୍ୱାମୀ ଓ ପରିବାର ଭିତରେ ନାରୀ ତା' ଦୁନିଆ ଦେଖୁଥିଲା। ସାମାଜିକ ପ୍ରତିବନ୍ଧକ ଭିତରେ ତା' ଆଶା ଆକାଂକ୍ଷା କୁହୁଳି କୁହୁଳି ଲିଭି ଯାଉଥିଲା ସିନା ଜଳି ପାରୁ ନ ଥିଲା। ହେଲେ ବଦଳି ଯାଇଛି ସମୟ। ତା'ର ସଂଘର୍ଷ ତାକୁ ସଫଳତା ଦେଇଛି। ଶୀର୍ଷରେ ପହଞ୍ଚିବାର ରାସ୍ତା ଦେଖାଇଛି। ପ୍ରମାଣ କରିଛି ସତରେ ସେ ଅନନ୍ୟା। ନାରୀର ସଂଘର୍ଷ ଓ ସଫଳତାର କିଛି ବାସ୍ତବ କାହାଣୀ ଥିଲା ଏହି ପ୍ରଚ୍ଛଦରେ।



**ଗୀତ ପାଇଁ ବଦଳିଲା ଗାଁର ନାଁ:** ପ୍ରତ୍ୟେକ ଗାଁର ପରିଚୟ ତା' ନାଁକୁ ନେଇ। ହେଲେ ବେଳେବେଳେ ପରିବର୍ତ୍ତିତ ପରିସ୍ଥିତିରେ ବଦଳିଯାଏ ସେ ଗାଁର ନାଁ। ତା'ସହ ଯୋଡି ହୋଇଯାଏ ନୂଆ ପରିଚୟ। ସେମିତି ରଙ୍ଗବତୀ ଗୀତର ଲୋକପ୍ରିୟତା ପାଇଁ ବିଲୁଙ୍ଗ ଗାଁ ଏବେ 'ରଙ୍ଗବତୀ ବିଲୁଙ୍ଗ' ନାମରେ ପରିଚିତ।

**ସୁନ୍ଦରାଚଳ:** ରତ୍ନ ସିଂହାସନରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି ଦାରୁଦିଅଁ। ଆରମ୍ଭ ହୁଏ ଜଗତମଙ୍ଗଳ ଲୀଳା। ରଥାରୂଢ ହୋଇ ମହାପ୍ରଭୁ କରନ୍ତି ନବଦିନାତ୍ମକ ଯାତ୍ରା, ଉପାସନା ସ୍ଥଳରୁ ଆବିର୍ଭାବ ସ୍ଥଳ। ପୁଣି ଭକ୍ତ-ଭଗବାନଙ୍କ ମହାମିଳନର କ୍ଷେତ୍ର ପାଲଟିଯାଏ ସୁନ୍ଦରାଚଳ।

**ପ୍ରେମ ପାଇଁ ସବୁକିଛି:** ପ୍ରେମ କାହାକୁ, କେଉଁଠି କେତେବେଳେ ବି ହୋଇପାରେ। କିନ୍ତୁ ସଚ୍ଚାପ୍ରେମ ସମସ୍ତଙ୍କ କପାଳରେ ନ ଥାଏ। ଏହା କେବଳ ଭାଗ୍ୟବାନ୍ ଲୋକଙ୍କୁ ହିଁ ମିଳିଥାଏ। କାରଣ ସଚ୍ଚା ପ୍ରେମରେ ପଡିଥିବା ଲୋକ ନିଜ ଭଲ ପାଇବା ପାଇଁ ଏମିତି କିଛି କରିଯାଆନ୍ତି, ଯାହା କାଳ କାଳକୁ ଉଦାହରଣ ହୋଇ ରହିଯାଏ।

**ବନ୍ଧୁତା:** ସେ ହିଁ ବନ୍ଧୁ ; ଯିଏ ଜୀବନ ସହ ବାନ୍ଧି ହୋଇଯାଏ। ଆଉ ଆଜୀବନ ବନ୍ଧୁତା ନିର୍ବାହ କରୁଥାଏ ବର୍ତ୍ତମାନ ଓ ଅବର୍ତ୍ତମାନରେ।

**ଉତ୍ସବ ସ୍ୱାଧୀନତାର:** ଦେଶ ସ୍ୱାଧୀନ ହେବ। ଏହି ସମୟକୁ ଅପେକ୍ଷା କରି ରହିଥିଲେ ସମଗ୍ର ଦେଶର ଆବାଳ ବୃଦ୍ଧବନିତା। ଦେଶ ସ୍ୱାଧୀନ ହେଲା। ଖେଳିଗଲା ଖୁସିର ଲହରି। ଆଉ ସେବେଠାରୁ ଏ ପର୍ଯ୍ୟନ୍ତ ଅନେକ ଲୋକ ସ୍ୱାଧୀନତା ଦିବସର ସ୍ମୃତିକୁ ମନେପକାଇ ନିଜସ୍ୱ ଢଙ୍ଗରେ ସ୍ୱାଧୀନତା ଦିବସକୁ ଏକ ଉତ୍ସବ ଭାବରେ ପାଳନ କରୁଛନ୍ତି।

**ପାଳଭୂତ:** କେବେ ସେ ଆଈ ମା' ପେଡିର ଗପ ତ କେବେ କୃଷକର ବନ୍ଧୁ। ପାଳକୁଟାରେ ତିଆରି ମଣିଷରୂପୀ ଶରୀରରେ ଜୀବନ ନ ଥାଏ ସତ, ହେଲେ ଦେଶ ବିଦେଶରେ ସେ ବେଶ୍ ପରିଚିତ। କିଏ ତାକୁ ପାଳଭୂତ କହେ ତ କିଏ ବିଜୁକା, ପୁଣି ଆଉ କିଏ କହେ ତାକୁ ସ୍କେୟାର କ୍ରୋ ଅବା ବୁଗିମ୍ୟାନ।

**ମା':** ମା' ସେ ଜଗଜ୍ଜନନୀ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ତାଙ୍କ ମାତୃତ୍ୱରେ ସମସ୍ତଙ୍କୁ କୋଳେଇ ନିଅନ୍ତି। ସେଥିପାଇଁ ପାର୍ବଣର ଉଲ୍ଲାସରେ ଯିଏ ଯେଉଁ ଧର୍ମ ବା ଜାତିର ହୁଅନ୍ତୁ ନା କାହିଁକି ମା'ଙ୍କ ପୂଜା ଓ ପରମ୍ପରାକୁ ବିଧିପୂର୍ବକ ପାଳନ କରିବା ପାଇଁ ଆଗେଇ ଆସନ୍ତି।





ବାସ୍ ଆଉ ଦିନ କେଇଟାର ଅପେକ୍ଷା! ଏଇ ଦିନଗୁଡ଼ିକ ବି ଆଖି ପିଛୁଳାକେ ସରିଯିବ। ଆସିଯିବ ଆଉ ଏକ ନୂଆବର୍ଷ ! ଦିନ ଯେତେ ସରି ସରି ଯାଉଛି ଆଖି ଆଗରେ ନାଚି ଉଠୁଛି ବର୍ଷତମାମର ଅନେକ ଘଟଣା। ଏଇ ସ୍ମୃତି ସବୁ କେବେ ହସାଉଛି ତ କେବେ ଆଖି ଓଦା କରିଦେଉଛି। ତେବେ ଏସବୁକୁ ପଛରେ ଛାଡ଼ି ଆଗକୁ ବଢ଼ିବା ପାଇଁ ସମସ୍ତେ ଏବେ ଆଗଭର...





**ଲାଇଫ୍ ଷ୍ଟାଇଲ୍:** ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡକୁ ପାଠକଙ୍କ ନିକଟରେ ପହଞ୍ଚାଇ ଫ୍ୟାଶନ ଅପଡେଟ୍ କରାଇବାର ପ୍ରୟାସ କରିଥିଲୁ ଏହି ପୃଷ୍ଠାରେ।

**ବ୍ୟକ୍ତିତ୍ୱ:** ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣାଦାୟକ ଜୀବନ କାହାଣୀକୁ ସୁନ୍ଦର ସାବଲୀଳଭାବେ ଉପସ୍ଥାପନ କରାଯାଇଥିଲା ଉକ୍ତ ପୃଷ୍ଠାରେ।

**ସୃଜନ:** ହୃଦୟର କଥାକୁ ବ୍ୟକ୍ତ କରୁଥିବା ଅନେକ ଗପ ଓ କବିତାର ସମ୍ଭାର ଥିଲା ସୃଜନ ପୃଷ୍ଠାରେ।

**ସିନେମା:** ଗ୍ଲାମରସ୍ ସିନେ ଜଗତର ଗସିପ୍, ନୂଆ ରିଲିଜ୍ ସହ ସେଲିବ୍ରିଟିଙ୍କ ଜୀବନର କିଛି ଅଜଣା କଥା ଥିଲା ସିନେମା ପୃଷ୍ଠାରେ।

**ସାଥୀ/ପ୍ରଥମ ରୋଜଗାର:** ପ୍ରେମ ନଦୀରେ ଭାସୁଥିବା ପ୍ରେମିକା ପ୍ରେମିକଙ୍କୁ ଉଚିତ ଦିଗ ଦେଖାଇ କୂଳରେ ପହଞ୍ଚାଇବାର ପ୍ରୟାସ କରାଯାଇଥିଲା ସାଥୀ ସ୍ତମ୍ଭରେ। ଆଉ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରଥମ ରୋଜଗାରର ଅଭୁଲା ଅନୁଭୂତିକୁ ପାଠକଙ୍କ ସହ ବାଣ୍ଟିଥିଲୁ ପ୍ରଥମ ରୋଜଗାର ସ୍ତମ୍ଭରେ।

**ମଡେଲ ମିରର୍:** ଷ୍ଟାଇଲିଶ୍ ଓ ଆକର୍ଷକ ମଡେଲଙ୍କ ଫଟୋ ଏହି ପୃଷ୍ଠାର ଶୋଭା ବଢାଉ ଥିବାବେଳେ ହାଃ ହାଃ ମୁହଁରେ ହସ ଫୁଟାଉଥିଲା।

**ସହରଠୁ ଦୂର:** ବିଭିନ୍ନ ମନୋରମ ସ୍ଥାନର ସମ୍ପୂର୍ଣ୍ଣ ବିବରଣୀ ସହ କେମିତି ଓ କେବେ ଯିବେ, କ'ଣ କ'ଣ ଦେଖିବେ, କ'ଣ ସାଥିରେ ଆଣିପାରିବେ ସବୁକିଛି ପାଠକଙ୍କୁ ଅବଗତ କରାଯାଇଥିଲା ଏହି ପୃଷ୍ଠାରେ।

**ବିବିଧା:** ବିଭିନ୍ନ ସ୍ଥାନର ଚକିତ କରିଦେବା ଭଳି ବିଷୟକୁ ନେଇ ବିବିଧା ପୃଷ୍ଠା ହୋଇଥିଲା ଖାସ୍।

**ଚିନ୍ମୟ ଚିନ୍ତନ:** ଜୀବନର ଗୂଢ଼ ରହସ୍ୟକୁ ଆମର ପୌରାଣିକ କଥାବସ୍ତୁ ମାଧ୍ୟମରେ ଉନ୍ମୋଚନ କରିବା ଓ ଜୀବନକୁ ସରଳ କରିବାର ପ୍ରୟାସ କରାଯାଇଥିଲା ଏହି ପୃଷ୍ଠାରେ।

**କଥାଚାଟ୍:** ପ୍ରତିଦିନ ଘଟୁଥିବା କିଛି ଘଟଣାକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରାଯାଇଥିଲା ଏଥିରେ।

**ସେଲିବ୍ରିଟି ସିକ୍ରେଟ୍:** ସେଲିବ୍ରିଟିଙ୍କ ଜୀବନର ଗୋପନ କଥାକୁ କିଏ ବା ଜାଣିବାକୁ ନ ଚାହେଁ ? ସେଇଥିପାଇଁ ତ ଏହି ପୃଷ୍ଠାରେ ଓଡ଼ିଶାର ବହୁ ପ୍ରିୟ ସେଲିବ୍ରିଟିଙ୍କ ଜୀବନର ଅନେକ ଅଜଣା କଥା ପାଠକଙ୍କ ନିକଟରେ ପହଞ୍ଚାଇଥିଲୁ ଏହି ପୃଷ୍ଠା ମାଧ୍ୟମରେ।

**ବ୍ୟାକ୍‌ପେଜ୍:** ମନକୁ ଛୁଇଁଲା ଭଳି, ଚକିତ କରିଦେବା ଭଳି ଅନେକ ରୋଚକ ଘଟଣାର ଉପସ୍ଥାପନ କରାଯାଇଥିଲା ଛୁଟିଦିନର ଶେଷପୃଷ୍ଠାରେ।



## ପ୍ରଥମ ରୋଜଗାର

# ସୁଚରିତାରୁ ପାଇଥିଲି ୫୦ ଟଙ୍କା



ଲେଖିକା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିରିନା ମହାନ୍ତି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..

ଯା' ଭିତରେ ଅନେକ ବର୍ଷ ଅତିବାହିତ ହୋଇଗଲାଣି। ଅବସର ନେବା ଆଜିକୁ କୋଡ଼ିଏ ଦିନ ପୂରିଗଲାଣି। ହେଲେ ଗୋଟିଏ କଥା ଏଇଠି ନ କହି ମୁଁ ନୀରବୀ ପାରୁନି। ୧୯୮୨ ମସିହା କଥା, ସେତେବେଳର ସ୍ୱନାମଧନ୍ୟ ମହିଳା ପତ୍ରିକା ସୁଚରିତାରେ ମୋର 'କୁକୁଡ଼ା' ଶୀର୍ଷକ କବିତାଟିଏ ପ୍ରକାଶିତ ହୋଇଥାଏ। କବିତାଟିକୁ ଲଫାପାରେ ପୂରାଇ ତା'ଉପରେ ଠିକଣା ଲେଖି ଡାକଘରେ ପୋଷ୍ଟ କଲାବେଳେ ମୁଁ ଭାବି ନ ଥିଲି ପତ୍ରିକା ସହ ପଚାଶ ଟଙ୍କାର ମନିଅର୍ଡର ଆସି ପହଞ୍ଚିବ ବୋଲି। ଓଃ ସେଦିନର ସେ ଖୁସି ବର୍ଣ୍ଣନା କରିହେବ ନାହିଁ। ସେଇ ପାଞ୍ଚଖଣ୍ଡ ଦଶଟଙ୍କିଆ ନୋଟ୍‌କୁ ମୁଁ କେମିତି ଖର୍ଚ୍ଚ କରିଥିଲି ଆଜି ମନେପଡୁନି ସତ କିନ୍ତୁ ପାଖାପାଖି ପଚାଶ ଜଣଙ୍କୁ ସେ ଟଙ୍କାକୁ ଦେଖାଇଥିଲି ; ଯେଉଁମାନେ କି କବିତା କ'ଣ, ପତ୍ରିକା କ'ଣ, ଏସବୁ ବିଷୟରେ ତାଙ୍କ ଗ୍ରାମୀଣ ଜୀବନରେ ପରିଚିତ ନ ଥିଲେ। ଏହି ଘଟଣାର ତିନିବର୍ଷ ପରେ ମୋର ବାହାଘର, ଆଉ ବାହାଘରର ତିନିମାସ ପରେ ମୋତେ ଶିକ୍ଷୟିତ୍ରୀ ଚାକିରି ମିଳିଲା ସେତେବେଳର ବାଲେଶ୍ୱର ଜିଲା ଆଉ ପରେ ପରେ ଭଦ୍ରକ ଜିଲାର କେନ୍ଦୁଆପଦାରେ। ସେତେବେଳେ ହାଇସ୍କୁଲ ଶିକ୍ଷକଙ୍କର ବହୁତ କମ୍ ଦରମା ଥିଲା। ମୋତେ ପ୍ରଥମ ଦରମା ମିଳିଥିଲା, ଏକାବେଳେକେ ତିନିମାସର ମିଶି ୭୫୦ଟଙ୍କା। ମୋ ଶାଶୁଘର ବଡ଼ ପରିବାର। ତେଣୁ ସ୍ୱଳ୍ପ ଦରମାରେ ଶାଶୁ, ଶ୍ୱଶୁର, ଯା', ଦେଢଶୁର, ପୁତୁରା, ଝିଆରୀ ଆଦି ସମସ୍ତଙ୍କ ପାଇଁ ନୂଆ ଲୁଗା କିଣିବା ସମ୍ଭବ ନ ଥିଲା। ସେଥିପାଇଁ ସ୍ଥିର ହେଲା କେବଳ ମହିଳାମାନଙ୍କ ପାଇଁ କିଣାହେବ। ମୋ ଶାଶୁ ; ଯାହାଙ୍କୁ ଆମେ ସ୍ନେହରେ ଖୁଡ଼ୀ ଡାକୁ। ଖୁଡୀ ବିନା ସାୟା, ବ୍ଲାଉଜ୍, ଚପଲରେ ଜଣେ ଅବଗୁଣ୍ଠନବତୀ ସ୍ନେହମୟୀ ନାରୀ। ଲୁଗା କିଣାହେବା ଦିନ ମୁଁ ଓ ମୋ ସ୍ୱାମୀ ବସ୍‌ରେ କେନ୍ଦୁଆପଦାରୁ ଭଦ୍ରକ ଯାଇଥିଲୁ। ଆଜି ଅନେକ ଦିନ ପରେ ଭଦ୍ରକର ଭୌଗୋଳିକ ଅବସ୍ଥିତି ବିଷୟରେ ମୋତେ ଜଣା ନାହିଁ ସତ କିନ୍ତୁ ସେଦିନ କଚେରି ବଜାରରେ ଥିବା ଖେମକା ଶାଢ଼ି ଦୋକାନରୁ ସମସ୍ତଙ୍କ ପାଇଁ ଶାଢ଼ି କିଣାହେଲା। ତା'ପରେ ମୋ ଶାଶୁ ଅର୍ଥାତ୍ ଖୁଡ଼ୀଙ୍କ ପାଇଁ ଗୋଟିଏ ଜରିଧଡ଼ି ଥିବା ଲାଲ ରଙ୍ଗର ଶାଢ଼ି, ମ୍ୟାଚିଂ ବ୍ଲାଉଜ ଓ ସାୟା ଏବଂ ସ୍ଲିପର୍ ହଳେ କିଣିଥିଲୁ। ଆଜି ବି ଖୁଡୀଙ୍କର ସେଇ ଶାଢ଼ି, ଚପଲ ପିନ୍ଧା ରୂପ ଝଲସି ଉଠେ ମୋ ଆଖି ସାମ୍ନାରେ। ତାଙ୍କ ଗୋରା ତକତକ ସୁନ୍ଦର ରୂପକୁ ଶାଢ଼ି, ସାୟା, ବ୍ଲାଉଜ ପିନ୍ଧିବା ଯେତିକି ମାନୁଥିଲା ତା'ଠାରୁ ଅଧିକ ସୁନ୍ଦର ଲାଗୁଥିଲା ନୂଆ ଚପଲ ପିନ୍ଧା ପାଦ ଦୁଇଟି। ଚପଲ ପିନ୍ଧିଲାବେଳେ ଖୁଡ଼ୀଙ୍କର ଲାଜଲାଜ ଭାବର ଠାଣି ମୋତେ ବହୁତ ଆନନ୍ଦିତ କରିଥିଲା ସେଦିନ। ସମୟ ସ୍ରୋତରେ ଯା'ଭିତରେ କେତେ କ'ଣ ଘଟିଗଲାଣି। ଝିଅ, ବୋହୂ ପାଇଁ ତଥା ଅନ୍ୟାନ୍ୟ ସମ୍ପର୍କୀୟଙ୍କ ଲାଗି କେତେ ଦାମୀ ଶାଢ଼ି କିଣାଯାଇଛି, ହେଲେ ସେହି ପ୍ରଥମ ରୋଜଗାରରେ ସମସ୍ତଙ୍କ ପାଇଁ ଶାଢ଼ି କିଣି ରିକ୍ସାରେ ବସି ଘରକୁ ଫେରିବାର ଆନନ୍ଦ ଆଉ କ'ଣ କେବେ ମିଳୁଛି। ସେଦିନ ଆମେ ସ୍ୱାମୀସ୍ତ୍ରୀ ଦୁହେଁ ନିଜ ପାଇଁ କିଛି ବି କିଣି ନ ଥିଲୁ ସତ କିନ୍ତୁ ସମସ୍ତଙ୍କୁ ଖୁସି କରିବା ପାଇଁ ଯେଉଁ ଚେଷ୍ଟା କରିଥିଲୁ ସେଥିରୁ ଆମକୁ ବହୁତ ଆତ୍ମତୃପ୍ତି ମିଳିଥିଲା।

# ରଙ୍ଗୀଲା ପ୍ରେମରେ ବୁଡିଛି ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**-ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି। ମୋର ଏହି ସପନ କେବେ ପୂରଣ ହେବ କହିବେ କି ସାଥୀ ?

*-ଦୀପେନ ଦାସ, ବାରିପଦା*

**ଉତ୍ତର:** ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି। ଅର୍ଥାତ୍, 'ରଙ୍ଗିଲା ପ୍ରେମରେ ବୁଡିଛି ମନ, ଭାବନାରେ ବିତି ଯାଉଛି ଦିନ।' କାରଣ ପ୍ରେମର ନିଶା ଥରେ ଘାରିଲେ ମନ ଆକାଶରେ ଉଡିବୁଲେ ଯାହାକୁ ନିୟନ୍ତ୍ରଣ କରିବା ସହଜ ହୋଇ ନ ଥାଏ। ତେଣୁ ସେଭଳି ଭାବନା ରାଇଜରୁ ନିଜକୁ ଯେତେ ଶୀଘ୍ର ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ଅକସ୍ମାତ ଭେଟ ହେଲା, ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**-ପ୍ରେମ ଆରମ୍ଭ ଲାଜରୁ ହୋଇଥାଏ। ଏକଥା ସତ କି ?

*-ପ୍ରଦୀପ ନାୟକ, ଜଗତସିଂହପୁର*

**ଉତ୍ତର:** କେତେକ କ୍ଷେତ୍ରରେ ଏକଥା ସତରେ ପରିଣତ ହୋଇଥାଏ। କାରଣ ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**-ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*-ପ୍ରଶାନ୍ତ କୁମାର, କଟକ*

**ଉତ୍ତର:** ଗୋଟିଏ ପଟେ ଲେଖିଛନ୍ତି ଯେ ପ୍ରଥମ ପ୍ରେମକୁ ଭୁଲି ପାରୁନି। ସେପଟେ ପୁଣି ଥରେ ପ୍ରେମ ନଈରେ ଡୁବ ପକାଇବାକୁ ମନ ଉତାବିଳା ହେଲାଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ। ତେଣୁ ସବୁଠାରୁ ଉତ୍ତମ ହେବ ନିଜ ପ୍ରଥମ ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାନ୍ତୁ। ସେହି ପ୍ରେମ ଆଉ ପ୍ରେମିକାକୁ ମନକୁ ପୁରା ପାଶୋରି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ**-ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ?

*-ପ୍ରମୋଦ ଦାସ, ଖୋର୍ଦ୍ଧା*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ**-ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*-ଅମରେନ୍ଦ୍ର, ଭଦ୍ରକ*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି-ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

ସାଥୀ



# ମନେ ରହିବ 'ପାଇଲଟ୍ସ'

ତେଲୁଗୁ ଇଣ୍ଡଷ୍ଟ୍ରିର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କିର୍ତ୍ତି ସୁରେଶ। ଏହା ଭିତରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ହେଲେ 'ପାଇଲଟ୍ସ' ଟାଇଟଲବିଶିଷ୍ଟ ମାଲାୟାଲାମ ଫିଲ୍ମକୁ ଆଦୌ ଭୁଲି ପାରୁନାହାନ୍ତି। କାରଣ କ'ଣ ଜାଣନ୍ତି ? ଏହି ଫିଲ୍ମରୁ ସେ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ତାଙ୍କୁ ଜଣେ ଶିଶୁ କଳାକାର ଭାବରେ ଦେଖିବାକୁ ମିଳିଥିଲା। ବକ୍ସ ଅଫିସରେ ଫିଲ୍ମଟି ଭଲ ବିଜନେସ୍ କରିଥିଲା। ଦୀର୍ଘ ୧୩ ବର୍ଷ ପରେ ୨୦୧୩ରେ ସେ ମାଲାୟାଲାମ ଚଳଚ୍ଚିତ୍ର 'ଗୀତାଞ୍ଜଳି'ରେ ପ୍ରଥମକରି ନାୟିକାଭାବେ ପରଦା ଉପରକୁ ଆସିଥିଲେ। ପରେ ସେ ତେଲୁଗୁ, ତାମିଲ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ତେଲୁଗୁ ଫିଲ୍ମ 'ସାବିତ୍ରୀ' ଏବଂ 'ମହାନତି' ପାଇଁ ତାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ନିଜ ସଫଳତା ସମ୍ପର୍କରେ ସେ କୁହନ୍ତି, 'ମୁଁ ପ୍ରତିଟି ଭୂମିକାକୁ ସବୁବେଳେ ଗୁରୁତ୍ୱର ସହ ନେଇଥାଏ। ପୁରସ୍କାରଟିଏ ପାଇବା ପାଇଁ ମୁଁ ଅଭିନୟ କରୁନି। ନିଜ ଭିତରେ ଥିବା ଅଭିନୟର ଦକ୍ଷତାକୁ ଦର୍ଶକଙ୍କ ସାମନାରେ ଦେଖାଇବା ହିଁ ମୋର ଲକ୍ଷ୍ୟ।' କିର୍ତ୍ତି ଏ ପର୍ଯ୍ୟନ୍ତ ହିନ୍ଦୀ ସିନେମାରେ ଅଭିନୟ କରିନାହାନ୍ତି। ତାଙ୍କ ହାତରେ ଥିବା ଆଗାମୀ ସିନେମାଗୁଡିକ ହେଲା 'ଦଶରା', 'ଭୋଲା ଶଙ୍କର', (ତେଲୁଗୁ) 'ମାମନ୍ନାନ' ଏବଂ 'ସିରେନ' (ତାମିଲ)।


କଙ୍ଗନା


କିର୍ତ୍ତି

# ଇମରଜେନ୍ସି

କଙ୍ଗନା ରାଣାଓ୍ୱତ ଏବେ 'ଇମରଜେନ୍ସି'ଚଳଚ୍ଚିତ୍ରକୁ ନେଇ ବ୍ୟସ୍ତ। ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏହି ଫିଲ୍ମ ବିଷୟରେ କଙ୍ଗନା କହନ୍ତି, 'କ୍ରିସ ଜଗରଲାମୁଡିଙ୍କ ସହ ମିଳିତ ଭାବରେ ମୁଁ ପ୍ରଥମ ଥର ପାଇଁ ମଣିକର୍ଣ୍ଣିକା : ଦ କୁଇନ୍ ଅଫ ଝାନ୍ସୀ' ନିର୍ଦ୍ଦେଶନା ଦେଇଥିଲି। ସେଥିରୁ ନିର୍ଦ୍ଦେଶନା ବିଷୟରେ ଅନେକ କିଛି ନୂଆ କଥା ଶିଖିଛି। ଏଥର ମୁଁ ଦ୍ୱିତୀୟ ଥର ନିର୍ଦ୍ଦେଶନା ଦେଉଥିବା ଫିଲ୍ମଟି ପାଇଁ ମୋତେ ଅଧିକ ସତର୍କତା ଅବଲମ୍ବନ କରି ଦାୟିତ୍ୱ ତୁଲାଇବାକୁ ପଡିବ। କାରଣ ଏହା ଏକ ରାଜନୈତିକ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ। ଏହାର ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିବ ସେ ନେଇ ନିଶ୍ଚୟ ଧ୍ୟାନ ଦେବି। ମୁଁ ଜାଣିଛି ନିର୍ଦ୍ଦେଶନା ଦେବା ସହଜ କଥା ନୁହେଁ। ହେଲେ ଏଭଳି ରିସ୍କ ଥରେ ଉଠାଇଲା ପରେ ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି।' ରେନୁ ପିଟ୍ଟିଙ୍କ ସହ କଙ୍ଗନା ଏହି ଚିତ୍ରଟିର ପ୍ରଯୋଜନା କରିଛନ୍ତି।

# ପାଠ ପଢ଼ା ପାଇଁ..

ଦକ୍ଷିଣ ଭାରତୀୟ ସିନେମାରେ ମହେଶ ବାବୁ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ ମାତ୍ର। ତେବେ ନିଜ ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ ୯ବର୍ଷ ପାଇଁ ବିରତି ନେବାକୁ ପଡିଥିଲା। କାରଣ ବାପା ତାଙ୍କୁ ଏଥିପାଇଁ କହିଥିଲେ। ଆଉ ସେ ବାପାଙ୍କ କଥାକୁ ଏଡାଇ ପାରି ନ ଥିଲେ। ହେଲେ କ'ଣ ପାଇଁ ଜାଣନ୍ତି ? ପାଠ ପଢ଼ା ପାଇଁ। ଏ ନେଇ ମହେଶ କହନ୍ତି, 'ମୋର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ। ବିଶିଷ୍ଟ ପ୍ରଯୋଜକ ଦସାରୀ ନାରାୟଣ ରାଓ ମୋତେ ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'ନିଦ'। ସେତେବେଳେ ମୋର ବୟସ ଥିଲା ମାତ୍ର ୪ ବର୍ଷ। ତା'ପରେ ମୋ ବାପା ମୋତେ ଅଭିନୟରୁ ସାମୟିକ ବିରତି ନେବାକୁ କହିଥିଲେ। ତେଣୁ ପାଖାପାଖି ୯ବର୍ଷ ମୁଁ ଅଭିନୟଠାରୁ ଦୂରେଇ ଯାଇଥିଲି।' ମହେଶ ବାବୁ ତେଲୁଗୁ ଭାଷା କହିପାରନ୍ତି ଏବଂ ବୁଝିପାରନ୍ତି ହେଲେ ପଢ଼ିପାରନ୍ତି ନାହିଁ। ଚେନ୍ନାଇର ଲୟଲା କଲେଜରୁ ସେ କମର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ତାଙ୍କର ଆକ୍ଟିଂ ଗୁରୁ ଏଲ୍. ସତ୍ୟାନନ୍ଦଙ୍କ ନିକଟରୁ କିଛି ମାସ ଆକ୍ଟିଂ ଟ୍ରେନିଂ ନେଇଥିଲେ। କୋ-ଆର୍ଟିଷ୍ଟ ନମ୍ରତା ସିରୋଦକରଙ୍କ ପ୍ରେମରେ ପଡିଥିଲେ ମହେଶ ବାବୁ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ କରିଥିଲେ। ଖାସ୍ କଥା ହେଲା, ଫିଲ୍ମରୁ ପାଉଥିବା ନିଜର ପାରିଶ୍ରମିକରୁ ସେ ପାଖାପାଖି ୩୦ ପ୍ରତିଶତ ଚ୍ୟାରିଟି ପାଇଁ ଖର୍ଚ୍ଚ କରିଥାଆନ୍ତି।


ମହେଶ ବାବୁ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ମୀରା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ: କୁମାର ଶରତ**

## ହାଃ ହାଃ

### ନିଶ

ଗୋଲୁ ଏକ ସେଲୁନ୍ ଖୋଲିଥାଏ। ପ୍ରଥମ ଗ୍ରାହକଭାବେ ମୋଟା ନିଶଥିବା ଜଣେ ବ୍ୟକ୍ତି ଆସିଥାନ୍ତି।

ଗୋଲୁ: ଆଜ୍ଞା, ଆପଣ ନିଶ ରଖିବେ ?

ବ୍ୟକ୍ତି: ହଁ, ମୁଁ ମୋ ନିଶକୁ ବହୁତ ଭଲ ପାଏ। ତାକୁ ନିଶ୍ଚୟ ରଖିବି।

ଗୋଲୁ ଏହାପରେ ବ୍ୟକ୍ତିଙ୍କ ନିଶ କାଟି ଦେଇ ତାଙ୍କ ହାତରେ ଧରେଇ ଦେଇ କହିଲା: ଏଇ ନିଅନ୍ତୁ ଆପଣଙ୍କ ପ୍ରିୟ ନିଶ। ଏବେ ତାକୁ ଯେଉଁଠି ଇଚ୍ଛା ସେଇଠି ସାଇତି ରଖନ୍ତୁ।

### ବସ୍

ମଣ୍ଟୁ ମିନିକୁ: ଜାଣିଛୁ, ମୁଁ ବସ୍‌ରେ ଗଲାବେଳେ କୋଉ ଝିଅ କଷ୍ଟରେ ଠିଆହୋଇଥିବା ଦେଖିଲେ ଜମା ସହିପାରେନା।

ମିନି: ତା'ହେଲେ ତୁ କ'ଣ ତୋ' ସିଟ୍ ଦେଇ ଦେଉ ?

ମଣ୍ଟୁ: ଆରେ ନା। ମୁଁ ଖାଲି ମୋ ଆଖି ବନ୍ଦ କରିଦିଏ।

### ଅର୍ଥ କ'ଣ

ହିନ୍ଦୀ ଶିକ୍ଷକ: ପିଲେ କହିଲ ଦେଖି, 'ହିମ୍ମତ ଏ ମର୍ଦା ତୋ ମଦଦ ଏ ଖୁଦା'ର ଅର୍ଥ କ'ଣ ?

ଚିଣ୍ଟୁ: ସାର୍ ମୁଁ କହିବି।

ଶିକ୍ଷକ: ହଁ, କୁହ।

ଚିଣ୍ଟୁ: ଯିଏ ନିଜ ସ୍ତ୍ରୀ ସାମ୍ନାରେ ମର୍ଦ ହେବାକୁ ଚେଷ୍ଟା କରେ, ତା'କୁ କେବଳ ଭଗବାନ ହିଁ ସାହାଯ୍ୟ କରି ପାରିବେ।

# ଖ୍ରୀଷ୍ଟମାସ ଡେଷ୍ଟିନେଶନ





**ଆନନ୍ଦ ଉଲ୍ଲାସର ପର୍ବ ହେଉଛି ଖ୍ରୀଷ୍ଟମାସ; ଯାହାକୁ ଦେଶବିଦେଶରେ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। ଖାସ୍ ଏହି ସମୟରେ ପିଲାମାନଙ୍କର ସ୍କୁଲ୍ ଛୁଟି ରହୁଥିବାରୁ ଅନେକ ଅଭିଭାବକ ନିଜ ପରିବାର ସଙ୍ଗେ କୁଆଡ଼େ ବୁଲିଯିବାକୁ ପ୍ଲାନିଂ କରିଥାନ୍ତି। ଯଦି ଆପଣ ବି ଏମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଏଠାରେ କିଛି ଖ୍ରୀଷ୍ଟମାସ ଡେଷ୍ଟିନେଶନ ସମ୍ପର୍କରେ ଉଲ୍ଲେଖ କରାଗଲା; ଯେଉଁଠାକୁ ବୁଲିଯାଇ ଆପଣ ଖ୍ରୀଷ୍ଟମାସ ଛୁଟିର ଭରପୂର ଆନନ୍ଦ ନେଇପାରିବେ...**







* **ଗୋଆ:** ନିଜର ଉତ୍କୃଷ୍ଟ ସମୁଦ୍ରତଟ ତଥା ମଜା ମଜଲିସ୍‌ଭରା ନାଇଟ୍ ଲାଇଫ୍ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଗୋଆ ହେଉଛି ଆମ ଦେଶର ଏମିତି ଏକ ସ୍ଥାନ ; ଯେଉଁଠାରେ ଖ୍ରୀଷ୍ଟମାସକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥାଏ। ଏଠାରେ ଥିବା ପ୍ରତ୍ୟେକଟି ଚର୍ଚ୍ଚ, ଘର ତଥା ରାସ୍ତାଘାଟକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯିବା ସହ ଦିନସାରା ଏପରି କି ରାତିରେ ବି ବିଭିନ୍ନ ପ୍ରକାରର ସେଲିବ୍ରେଶନ୍ କରାଯାଇଥାଏ। ଏହି ସେଲିବ୍ରେଶନ୍ ଏତେ ଆକର୍ଷଣୀୟ ହୋଇଥାଏ ଯେ, ଯାହା କେବଳ ଭାରତୀୟ ପର୍ଯ୍ୟଟକଙ୍କୁ ନୁହେଁ ବିଦେଶୀ ପର୍ଯ୍ୟଟକଙ୍କୁ ବି ବେଶ୍ ଆକୃଷ୍ଟ କରିଥାଏ।

* **ଶିଲଂ:** ମେଘାଳୟର ଶିଲଂଠାରେ ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ରହୁଥିବାରୁ ଏଠାରେ ମଧ୍ୟ ଖ୍ରୀଷ୍ଟମାସ ପର୍ବକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ଏହି ଅବସରରେ ଏଠାକାର ସମସ୍ତ ଘର, ରାସ୍ତାଘାଟ, ଚର୍ଚ୍ଚ ଆଦିକୁ ଖୁବ୍ ସୁନ୍ଦର ଭାବେ ସଜାଯିବା ସହ ନାନାଦି ସୁସ୍ୱାଦୁ ଭୋଜନର ଆୟୋଜନ କରାଯାଇଥାଏ। ତା'ସହିତ ସ୍ଥାନେ ସ୍ଥାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ବି ଦେଖିବାକୁ ମିଳେ। ଖ୍ରୀଷ୍ଟମାସ ଛୁଟି କଟାଇବା ପାଇଁ ଏହା ଆଉ ଏକ ଅପ୍ସନ ହୋଇପାରେ।

* **ପୁଡୁଚେରୀ:** ଏହା ମଧ୍ୟ ଏକ ଲୋକପ୍ରିୟ ଖ୍ରୀଷ୍ଟମାସ ଡେଷ୍ଟିନେଶନ। ଏଠାରେ ଯେହେତୁ ବହୁ ସଂଖ୍ୟାରେ ଚର୍ଚ୍ଚ ଥିବାର ଦେଖିବାକୁ ମିଳେ, ତେଣୁ ଖ୍ରୀଷ୍ଟମାସ ଅବସରରେ ସେସବୁକୁ ଅତି ସୁନ୍ଦର ଭାବେ ସଜା ଯାଇଥାଏ; ଯାହା ଖୁବ୍ ଆକର୍ଷଣୀୟ ଲାଗିଥାଏ। ତା'ଛଡ଼ା କୋଳାହଳମୟ ପରିବେଶରୁ ଦୂରରେ ଥିବା ଏହି ସ୍ଥାନଟି ପରିବାର ସଙ୍ଗେ ଛୁଟି କଟାଇବା ପାଇଁ ଏକ ପରଫେକ୍ଟ ସ୍ଥାନ।

* **କେରଳ:** ବର୍ଷର ଯେକୌଣସି ସମୟରେ ବୁଲିଗଲା ଭଳି ଏକ ମନୋରମ ସ୍ଥାନ ହେଉଛି କେରଳ। କାରଣ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ; ଯାହା ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏପରି କି ଖ୍ରୀଷ୍ଟମାସ ଅବସରରେ ବି ଏଠାକୁ ବୁଲିବାକୁଗଲେ ନିଆରା ଆନନ୍ଦ ମିଳିଥାଏ। ଏଠାରେ ଅନେକ ଚର୍ଚ୍ଚ ଅଛି। ତେଣୁ ଏହି ବିଶେଷ ଅବସରରେ ଉକ୍ତ ଚର୍ଚ୍ଚଗୁଡ଼ିକୁ ତଥା ରାସ୍ତାଘାଟ ଆଦିକୁ ସୁନ୍ଦର ଆଲୋକମାଳରେ ସଜାଯିବା ସହ ରାତିସାରା ସେଲିବ୍ରେଶନର ମଜା ନେଇଥାନ୍ତି ପର୍ଯ୍ୟଟକ।

* **କୋଲକାତା:** ଖ୍ରୀଷ୍ଟମାସ ଅବସରରେ କୋଲକାତାରେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଲାଇଟ୍ ଆଣ୍ଡ ସାଉଣ୍ଡ ପ୍ରୋଗ୍ରାମ୍, ରକ୍ ବ୍ୟାଣ୍ଡ ଶୋ' ତଥା ମଲ୍‌ଗୁଡ଼ିକରେ ଭଲ ଡିସ୍‌କାଉଣ୍ଟରେ କିଣାକିଣି କରିବାର ମଜା ନେବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଆଗ୍ରହ ଥିବା ଦେଖିବାକୁ ମିଳେ। ଖାସ୍ ସେଥିପାଇଁ ଏହି ବିଶେଷ ଦିବସ ଅବସରରେ ଦେଶର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଏଠାକୁ ଛୁଟି କଟାଇବାକୁ ଆସିଥାନ୍ତି।

* **ସିକ୍କିମ୍:** ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ସିକ୍କିମ୍‌ର ପରିବେଶ ବେଶ୍ ସଫାସୁତୁରା ରହିଥାଏ। ବିଶେଷକରି ଶୀତଦିନେ ଏଠାରେ ଥରେ ତୁଷାରପାତ ହେବା ଆରମ୍ଭ କଲେ ଏହି ସ୍ଥାନଟି ସ୍ୱର୍ଗ ପରି ପ୍ରତୀୟମାନ ହୋଇଥାଏ। ପାହାଡ଼ପ୍ରେମୀ ତଥା ଟ୍ରେକର୍ସପ୍ରେମୀଙ୍କ ପାଇଁ ଏହା ଏକ ବେଷ୍ଟ ଡେଷ୍ଟିନେଶନ। କେବଳ ସେତିକି ନୁହେଁ, ଖ୍ରୀଷ୍ଟମାସ ତଥା ନୂଆବର୍ଷର ଛୁଟି କଟାଇବା ପାଇଁ ଏହାଠୁ ବଳି ଭଲ ସ୍ଥାନ କ'ଣ ହୋଇପାରେ।


* **ମନାଲି:** ପ୍ରତିବର୍ଷ ଖ୍ରୀଷ୍ଟମାସ ଅବସରରେ ଏଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କର ସମାଗମ ହୋଇଥାଏ। କାରଣ ଏହି ବିଶେଷ ଅବସରରେ ଏଠାରେ ସ୍କିଂ, ସ୍ନୋବୋର୍ଡିଂ, ବରଫର ଗୋଲା ସହ ଖେଳିବାର ମଜା ନେବା ସହିତ ବରଫରେ ଖ୍ରୀଷ୍ଟମାସ ଟ୍ରି ସଜାଇ ହ୍ୱାଇଟ୍ ଖ୍ରୀଷ୍ଟମାସ ମନାଇବାରେ ଥାଏ ନିଆରା ଆନନ୍ଦ।

କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଦାଦ୍ରା ଓ ନଗର ହାବେଳି ଆଦି ସ୍ଥାନକୁ ବୁଲିଯାଇ ମଧ୍ୟ ଖ୍ରୀଷ୍ଟମାସ ଛୁଟିର ଭରପୂର ମଜା ନେଇପାରିବେ।









# କ୍ୟାଣ୍ଡେଲ: କିଛି କଥା



ଶୀତଳ ଆଲୋକ ପ୍ରଦାନ କରୁଥିବା କ୍ୟାଣ୍ଡେଲ ପ୍ରଥମେ କେବଳ ଅନ୍ଧକାର ଦୂର କରିବା ପାଇଁ ବ୍ୟବହାର କରାଯାଉଥିଲା। ହେଲେ ସମୟ ବଦଳିବା ସହ ଏହାକୁ ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବନା ନେଇ ବ୍ୟବହାର କରାଯାଉଛି। ତେବେ ଜାଣନ୍ତିକି ଏହାର ବ୍ୟବହାର କେବେଠୁ ହେଉଛି ? କେମିତି ଏହା ଆମ ଜୀବନର ଅଙ୍ଗ ପାଲଟିଲା। ଜାଣନ୍ତୁ ସେ ସମ୍ପର୍କରେ..





**କ୍ୟା**ଣ୍ଡେଲ ଶବ୍ଦଟି ଇଂଲିଶ ଶବ୍ଦ କୈଣ୍ଡଲ, ଲାଟିନ୍ ଶବ୍ଦ କ୍ୟାଣ୍ଡେଲା ଓ ଆଙ୍ଗ୍ଲୋ ନର୍ମାନ୍ ଶବ୍ଦ କ୍ୟାଣ୍ଡେଲେରୁ ଉଦ୍ଧୃତ ; ଯାହାର ଅର୍ଥ ହେଉଛି ପ୍ରକାଶ ବା ଚମକ୍‌ଦାର। କୁହାଯାଏ ଖ୍ରୀ.ପୂ ୫୦୦ ପୂର୍ବରୁ ପାରମ୍ପରିକ କ୍ୟାଣ୍ଡେଲ ବା ମହମବତିର ବ୍ୟବହାର ପ୍ରାଚୀନ ରୋମବାସୀଙ୍କ ଦ୍ୱାରା ହୋଇଥିଲା। ସେମାନେ ପ୍ରାଣୀଙ୍କ ଚର୍ବିକୁ ବ୍ୟବହାର କରି କ୍ୟାଣ୍ଡେଲ ତିଆରି କରୁଥିଲେ। ପରେ ଏହାକୁ ଭିନ୍ନ ଭିନ୍ନ ପଦ୍ଧତିରେ କରାଗଲା। ୟୁରୋପରେ କ୍ୟାଣ୍ଡେଲକୁ ନାଚୁରାଲ ଫ୍ୟାଟ୍, ପ୍ରାଣୀଙ୍କ ଚର୍ବି ଓ ୱାକ୍ସରୁ ତିଆରି ହେଉଥିଲା। ଚାଇନାରେ ହ୍ୱେଲ ଚର୍ବିରୁ ଏହାକୁ ପ୍ରସ୍ତୁତ କରାଯାଉଥିଲା। ମହୁଫେଣାରୁ ମିଳୁଥିବା ୱାକ୍ସରୁ ପ୍ରସ୍ତୁତ ମହମବତି ପ୍ରାଣୀଙ୍କ ଚର୍ବିରୁ ପ୍ରସ୍ତୁତ କ୍ୟାଣ୍ଡେଲଠାରୁ ଭଲ ଜଳିବା ସହ ସେଥିରୁ ଧୂଆଁ ନିର୍ଗତ ହେଉ ନ ଥିଲା। କିନ୍ତୁ ୱାକ୍ସର ମୂଲ୍ୟ ଅଧିକ ରହୁଥିବାରୁ ଏଥିରୁ ପ୍ରସ୍ତୁତ ମହମବତି ବହୁତ କମ୍ ଲୋକ ବ୍ୟବହାର କରୁଥିଲେ। କାଳକ୍ରମେ ଏହାକୁ ପେଟ୍ରୋଲିୟମ୍ ଦ୍ୱାରା ମିଳୁଥିବା ପାରାଫିନ୍ ଓ ଅନ୍ୟ ସାମଗ୍ରୀରୁ ପ୍ରସ୍ତୁତ କରାଗଲା। ପ୍ରାରମ୍ଭିକ ସମୟରେ ମହମବତି ସମୟ କହିବାର କାମ ବି କରୁଥିଲା। ଏହାର ଜଳିବାର ଗତି ଅନୁସାରେ ଜଣାପଡୁ ଥିଲା ଯେ, କେତେ ସମୟ ବିତିଲାଣି। କ୍ୟାଣ୍ଡେଲର ବ୍ୟବହାର ସର୍ବାଧିକ ଆମେରିକାରେ ହୋଇଥାଏ। ତେବେ କୁହାଯାଏ ସର୍ବପ୍ରଥମ ସୁଗନ୍ଧଭରା କ୍ୟାଣ୍ଡେଲ ଭାରତରେ ହୋଇଥିଲା। ଆଉ ମହମବତିକୁ ସୁଗନ୍ଧଭରା କରିବା ଲାଗି ସେଥିରେ ଡାଲଚିନିର ବ୍ୟବହାର କରାଯାଇଥିଲା। ପରେ ଆମେରିକାରେ ବି ସୁଗନ୍ଧଭରା କ୍ୟାଣ୍ଡେଲ ପ୍ରସ୍ତୁତ ହେଲା। ସେମାନେ ବାସ୍ନା ପାଇଁ ବେ ବେରିର ପତ୍ର ବ୍ୟବହାର କରୁଥିଲେ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହମବତି ବହୁଳ ମାତ୍ରାରେ ପ୍ରସ୍ତୁତ କରାଗଲା। ୧୮୩୪ରେ ଇଂଲଣ୍ଡ, ମାଞ୍ଚେଷ୍ଟରର ଯୋଶେଫ ମୋର୍ଗାନ୍ ଏକ ମେଶିନ୍‌କୁ ପେଟେଣ୍ଟ କରିଥିଲେ ; ଯାହା ମହମବତି ତିଆରି ନୂଆ ଏକ ବିପ୍ଳବ ସୃଷ୍ଟି କରିଥିଲା। ଏହା ଘଣ୍ଟାକୁ ୧୫୦୦ କ୍ୟାଣ୍ଡେଲ ପ୍ରସ୍ତୁତ କରିପାରୁଥିଲା। ଫଳରେ ଏହା ପ୍ରଚୁର ମାତ୍ରାରେ ଓ କମ୍ ଦାମ୍‌ରେ ଲୋକଙ୍କ ପାଇଁ ଉପଲବ୍ଧ ହେଲା। ୧୮୫୦ ବେଳକୁ ଜେମ୍ସ ୟୋଙ୍ଗ କୋଇଲା ଓ ଅଏଲ ସେଲ୍‌ରୁ ପାରାଫିନ୍ ୱାକ୍ସ ପ୍ରସ୍ତୁତ କଲେ। ଏହାଦ୍ୱାରା ବହୁତ କମ୍ ଦାମ୍‌ରେ ଭଲ କ୍ୱାଲିଟିର କ୍ୟାଣ୍ଡେଲ ତିଆରି କରାଗଲା। ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ମହମବତି ପାରାଫିନ୍ ୱାକ୍ସ ଓ ଷ୍ଟିଏରିକ୍ ଏସିଡ୍‌ରେ ପ୍ରସ୍ତୁତ ହେଲା। ଏବେ କ୍ୟାଣ୍ଡେଲ ପ୍ରସ୍ତୁତିର ପଦ୍ଧତିରେ ଅନେକ ବିକାଶ ଘଟିଛି। ଭିନ୍ନ ଭିନ୍ନ ଆକର୍ଷକ ଡିଜାଇନ୍‌ର କ୍ୟାଣ୍ଡେଲ ବି ପ୍ରସ୍ତୁତ ହେଉଛି। ହେଲେ ବିଭିନ୍ନ ପ୍ରକାରର ଲାଇଟ୍ ବଲ୍‌ବ ଆସିବା ପରଠାରୁ ଏହାର ବଜାର ମାନ୍ଦା ପଡ଼ିଯାଇଛି। ଆଉ ଏହା କେବଳ ଏକ ଡେକୋରେଟିଭ୍ ସାମ୍ରଗୀ ଭାବେ ସୀମିତ ହୋଇଯାଇଛି।

# କ୍ରିସ୍‌ମାସ୍ ଟ୍ରି ହେୟାରଷ୍ଟାଇଲ୍

**କେ**ଶକୁ ବିଭିନ୍ନ ପ୍ରକାର ଢଙ୍ଗରେ ସଜାଇବାକୁ ସବୁ ନାରୀ ଭଲ ପାଆନ୍ତି। କାରଣ ଚେହେରାକୁ ସୁନ୍ଦର ଓ ଆକର୍ଷକ କରିବାରେ କେଶସଜ୍ଜା ବା ହେୟାର ଷ୍ଟାଇଲ୍‌ର ଥାଏ ପ୍ରମୁଖ ଭୂମିକା। କେବେ ଏହା ଟ୍ରାଡିଶନାଲ ଲୁକ୍ ଦିଏ ତ କେବେ ମଡର୍ନ ଲୁକ୍ ପୁଣି କେବେ ସମ୍ଭ୍ରାନ୍ତ ଲୁକ୍ ବି ଦିଏ। ଖାସ୍ ହେୟାରଷ୍ଟାଇଲିଷ୍ଟ ବି ଅଛନ୍ତି ଚେହେରାକୁ ମାନିବା ପରି ଭିନ୍ନ ଭିନ୍ନ ପ୍ରକାରର ହେୟାରଷ୍ଟାଇଲ କରିବା ଲାଗି। ସେମିତି ଜଣେ ହେୟାରଷ୍ଟାଇଲିଷ୍ଟ ଭିନ୍ନ ଏକ ପ୍ରକାରର ହେୟାରଷ୍ଟାଇଲ୍ କରି ଚର୍ଚ୍ଚାର ପରିସରଭୁକ୍ତ ହେବାସହ ୱାର୍ଲ୍ଡ ରେକର୍ଡ ବି କରିଛନ୍ତି। ସେ ହେଉଛନ୍ତି ଦାନି ହିସ୍‌ୱାନୀ। ସେ ଜଣେ ମହିଳାଙ୍କ କେଶରେ କ୍ରିସ୍‌ମାସ୍ ଟ୍ରିର ହେୟାର୍‌ଷ୍ଟାଇଲ୍ କରିଥିଲେ। ଆଉ ସେହି ହେୟାର୍‌ଷ୍ଟାଇଲ୍‌ର ଉଚ୍ଚତା ଏତେ ବେଶି ଥିଲା ଯେ, ତାହା ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ୯ ଫୁଟ୍ ୬.୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏହି ଅଜବ ହେୟାରଷ୍ଟାଇଲ୍‌କୁ ସେ ଦୁବାଇରେ କରିଥିଲେ। ଏହି ହେୟାରଷ୍ଟାଇଲ କରିବା ଲାଗି ସେ ମହିଳାଙ୍କ କେଶ ସହିତ ୱିଗ୍ ଓ ହେୟାର୍ ଏକ୍ସଟେନସନ୍‌କୁ ବ୍ୟବହାର କରିଥିଲେ। ଏସବୁକୁ ମିଶାଇ ଏକ ସୁଉଚ୍ଚ କ୍ରିସ୍‌ମାସ୍ ଟ୍ରିର ହେୟାର୍‌ଷ୍ଟାଇଲ୍ କରି ତାକୁ ସୁନ୍ଦରଭାବେ ସଜାଇଥିଲେ ମଧ୍ୟ। ଫଳରେ ତାହା ମୁଣ୍ଡ ଉପରେ ଏକ କ୍ରିସ୍‌ମାସ୍ ଟ୍ରି ଥିବା ପରି ଲାଗୁଥିଲା।





# ଗୁରୁ କରିବ ଜାଣି !



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

ବହୁ ପୁରାକାଳରୁ ଲୋକମୁଖରେ ପ୍ରଚଳିତ ହୋଇଆସୁଥିବା ରୂଢ଼ି 'ପଇସା ନେବ ଗଣି, ପାଣି ପିଇବ ଛାଣି'କୁ ଉଚ୍ଚାରଣ କରିସାରିବା ପରେ ସେଦିନ ପ୍ରବଚନ ଦେଉଥିବା ପ୍ରବକ୍ତା ମହାରାଜ ଏହା ସହିତ ଆଉ ଏକ ପଦ 'ଗୁରୁ କରିବ ଜାଣି' ଯୋଡ଼ି ଶ୍ରୋତାବୃନ୍ଦଙ୍କୁ ବୁଝାଇବାକୁ ଯାଇ କହିଥିଲେ, ପଇସାକୁ ଯେମିତି ସବୁବେଳେ ଗଣିକରି ନେବା ଉଚିତ ପାଣିକୁ ମଧ୍ୟ ସବୁବେଳେ ଛାଣିକରି ନେବା ଉଚିତ । ଟଙ୍କା ସହ ଜୀବନର ସମ୍ପର୍କ । ପାଖରେ ଅର୍ଥ ନ ଥିଲେ ଜୀବନଟା ତୁଚ୍ଛ ଲାଗେ । ସରସତା ରୁହେନା । ଟଙ୍କା ନ ଥିଲେ ଜୀବନ ହାହାକାର । ତେଣୁ ଏହାର କାରବାର ସମୟରେ ସତର୍କତା ଜରୁରୀ ।

ପାଣି ସହ ଶରୀରର ସମ୍ପର୍କ । ଭଲ ପାଣି ପିଇଲେ ଶରୀର ସୁସ୍ଥ ରହିବ । ପାଣିରେ କିଛି ଅଳିଆ ଆବର୍ଜନା ଥିଲେ ତାକୁ ଫୁଟାଇ କରି ଏବଂ ପରେ ଛାଣିକରି ପିଇବା ଉଚିତ । ବୈଜ୍ଞାନିକମାନେ ଗବେଷଣା କରି କହିଲେଣି ଯେ, ଥଣ୍ଡାପାଣି ଆମ ଶରୀର ଉପଯୋଗୀ ନୁହେଁ । ମଣିଷ ଏକ ଉଷ୍ମ ରକ୍ତଥିବା ପ୍ରାଣୀ ହୋଇଥିବାରୁ ଏହାର ଶରୀର ଭିତରକୁ ଉଷୁମ ପାଣି ପ୍ରବେଶ କରିବା ଉଚିତ । ତା' ଛଡ଼ା ପ୍ରତ୍ୟହ ସକାଳେ ଖାଲିପେଟରେ ପେଟ ଭର୍ତ୍ତି କରି ଉଷୁମ ପାଣି ପାନକଲେ କୋଷ୍ଠବଦ୍ଧତା ଦୂରହେବା ସହ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ । ଶରୀରର ଓଜନରେ ସମତୁଲତା ବଜାୟ ରହିଥାଏ ।

ଗୋଟିକର ସମ୍ପର୍କ ଶରୀରକୁ ନେଇ । ଅନ୍ୟଟିର ସମ୍ପର୍କ ଜୀବନକୁ ନେଇ । ଏଇ ଶରୀର ଆଉ ଜୀବନ ବାଦ୍ ଆଉ ଗୋଟିଏ ଜିନିଷ ଅଛି, ଯାହା ମଧ୍ୟ ପରିଷ୍କରଣ ହେବା ଦରକାର । ତାହା ହେଉଛି ଆତ୍ମା । ମଣିଷ ଭୋଜନକଲେ ଶରୀରର ପୁଷ୍ଟିସାଧନ ହୋଇଥାଏ । ହେଲେ ଆତ୍ମାର ଭୋଜନ କ'ଣ ? ଅନେକ ଲୋକ କହିବେ ଆତ୍ମା କ'ଣ ଭୋଜନ କରେ । ହଁ, ଆତ୍ମାର ବି ଭୋଜନ ଦରକାର । ହେଲେ ସେ ଭୋଜନ ଭାତ, ଡାଲି, ତରକାରି, ଚିକେନ କି ବିରିୟାନୀ ନୁହେଁ । ସେ ଭୋଜନ ହେଉଛି ସାଧନାର ଭୋଜନ । ଧ୍ୟାନ, ଧାରଣା, ଯୋଗ, ଆସନ, ପ୍ରାଣାୟାମ ପ୍ରାର୍ଥନା ଆଦି ହେଉଛି ଆତ୍ମାର ଭୋଜନ । ଏଗୁଡିକ ଜୀବନରୁ ଦୂରେଇ ଗଲେ ଆତ୍ମା କଳୁଷିତ ହୋଇଯାଏ । ମନ, ବୁଦ୍ଧି, ବିବେକ ଦୂଷିତ ହୋଇଯାଏ । ଶରୀର ଦରକାର କରୁଥିବା ଖାଦ୍ୟଗୁଡ଼ିକୁ ତିଆରି କରିବାପାଇଁ ଯେମିତି ଜଣେ ପୂଜାରୀଙ୍କ ଆବଶ୍ୟକତା ପଡ଼େ ଠିକ ସେମିତି ଆତ୍ମା ଦରକାର କରୁଥିବା ଖାଦ୍ୟଗୁଡ଼ିକୁ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଜଣେ ରାନ୍ଧୁଣିଆଙ୍କୁ ଯୋଗାଡ଼ କରିବାକୁ ପଡ଼େ । ଆମେ ମନମୁଖି ଧ୍ୟାନଧାରଣା ପ୍ରାଣାୟାମ ଆଦି ସାଧନାରେ ବ୍ୟାପୃତ ରହିଲେ ସେଥିରେ ବ୍ୟାଘାତ ଆସିପାରେ । ଏଥିପାଇଁ ଜଣେ ଗୁରୁଙ୍କର ଆବଶ୍ୟକତା ଅଛି । ଆମେ ମନମୁଖି ନ ହୋଇ ଗୁରୁମୁଖୀ ହେବା ଦରକାର । ତାଙ୍କ ପ୍ରଦର୍ଶିତ ମାର୍ଗରେ ଚଳିଲେ ମଣିଷ ଈଶ୍ୱରଙ୍କ ନିକଟରେ ପହଞ୍ଚିପାରିବ । ବିନା ଗୁରୁରେ ଐଶ୍ୱରିକ ସଡ଼କରେ ଚାଲିବା ବିପଜ୍ଜନକ ।

ସନ୍ଥ କିଛି ସମୟ ନୀରବ ରହି ପୁଣି କହିବା ଆରମ୍ଭ କଲେ, କଳିଯୁଗରେ ପଣ ପଣ ଗୁରୁ । ଯିଏ ଦାଢ଼ି ଜଟା ଛାଡ଼ି ଗେରୁଆ ପିନ୍ଧିଦେଲା, ସେ କହିଲା 'ମୁଁ ଗୁରୁ' । ଆଜିକାର ଯୁଗରେ ଦୀକ୍ଷା ଦେବାପାଇଁ ତଥାକଥିତ ଗୁରୁମାନଙ୍କ ଭିତରେ ପ୍ରତିଯୋଗିତା । କିଏ କେତେ ଧନୀ ଲୋକଙ୍କୁ ନିଜ ଶିଷ୍ୟ ଜାଲରେ ପକାଇପାରିବ – ଖାସ ଏହା ହିଁ ଲକ୍ଷ୍ୟ ରହୁଛି ତଥାକଥିତ ଗୁରୁ ବର୍ଗମାନଙ୍କର । ଏ ପ୍ରକାର ଭିଡ଼ରେ ପ୍ରତ୍ୟେକ ଲୋକ ଗୁରୁ କରିବା ପୂର୍ବରୁ ତାଙ୍କ ବିଷୟରେ ଭଲ ରୂପେ ଅବଗତ ହେବା ଦରକାର । ତାଙ୍କର ସମ୍ପତ୍ତି ବାଡ଼ି, ଦାମୀ ଗାଡି, ପାଞ୍ଚତାଲା କୋଠା ବିଶିଷ୍ଟ ଆଶ୍ରମ, ଅଲୌକିକ ଯାଦୁ କିମ୍ବା କେଉଁ ଟିଭି କି ଖବରକାଗଜରେ ପ୍ରସାରିତ ତାଙ୍କ ପ୍ରଚାର ବା ପ୍ରବଚନ ଆଦିକୁ ବେଶି ଗୁରୁତ୍ୱ ନ ଦେଇ ତାଙ୍କର ଆଧ୍ୟାତ୍ମିକ ସାଧନାର ଗଭୀରତା ବାବଦରେ ଉତ୍ତମ ଭାବେ ଅବଗତ ହୋଇସାରିବା ପରେ ଜଣକୁ ଗୁରୁ ରୂପେ ବରଣ କରିବା



ଉଚିତ । ଏ କାମଟା କରିବା ଭାରି କଠିନ । କିନ୍ତୁ ଆଦୌ ଅସମ୍ଭବ ନୁହେଁ । ଯାହାଙ୍କୁ ଗୁରୁ ରୂପେ ବରଣ କରିବ ପ୍ରଥମେ ତାଙ୍କ ସହ କିମ୍ବା ତାଙ୍କ ଅନୁଷ୍ଠାନ ସହ ମିଳାମିଶା କରନ୍ତୁ । ଏପରି କଲେ ଧୀରେ ଧୀରେ ଗୁରୁଙ୍କ ହାବ ଭାବ ବିଷୟରେ ଆପଣ ଜାଣିପାରିବେ । ଅନ୍ୟ ଗୋଟିଏ ଉପାୟ ବି ଅଛି । ନିରନ୍ତର ପ୍ରଭୁଙ୍କୁ ପ୍ରାର୍ଥନା କର – ହେ ପ୍ରଭୁ ! ମୋତେ ଗୋଟିଏ ଉତ୍ତମ ଗୁରୁ ପ୍ରଦାନ କରନ୍ତୁ । ଭାବନାର ଗଭୀରତା ବଢ଼ିଲେ ଗୁରୁ ଆପେ ଆପେ ଆପଣଙ୍କ ପାଖେ ଧରାଦେବେ । ଅମୃତଭଣ୍ଡା ପାଚିଲେ କାଉକୁ ନିମନ୍ତ୍ରଣ କରା ଯାଏନି । ସେ ଆପେ ଆପେ ଆସି ଥଣ୍ଟ ମାରିବା ଆରମ୍ଭ କରେ । ଠିକ୍ ସେମିତି ଆମ ମନର ଭାବନାକୁ ନେଇ ଆମ ମନୋବାଞ୍ଛିତ ଗୁରୁ ଆମ ପାଖେ ପହଞ୍ଚି ଯିବେ ।

ଜଣେ ଶେଠ ଥିଲେ । ଦିନେ ତାଙ୍କ ମନରେ ଆଧ୍ୟାତ୍ମିକର ଭାବନା ଜାଗ୍ରତ ହେଲା । ଜୀବନର ଅନ୍ତିମ ପର୍ଯ୍ୟାୟରେ ଧନ ଓ ପରିବାରର ଆସକ୍ତି ଏବଂ ଦାୟିତ୍ୱ ଛାଡ଼ି ସାଧନା ଓ ଭଜନରେ ମନୋନିବେଶ କରିବାର ଦୃଢ଼ ସଂକଳ୍ପ ନେଲେ । ହେଲେ ଏ ନୂତନ ପଥରେ ବାଟ ଦେଖାଇବ କିଏ ? ଜଣେ ଗୁରୁଙ୍କର ନିହାତି ଆବଶ୍ୟକ । ଶେଠ ମନେ ମନେ ଭାବିଲେ ଯେ ଗୁରୁ ଏପରି ହେବା ଦରକାର, ଯେ ସଶରୀରେ ଥିବେ । ତାଙ୍କ ପାଖରେ ସହଜରେ ପହଞ୍ଚି ହେଉଥିବ ଏବଂ ସେ ଜ୍ଞାନୀ ମଧ୍ୟ ହୋଇଥିବେ । ସାଧନା ସମ୍ପର୍କିତ ସନ୍ଦେହ ଗୁଡ଼ିକୁ ସେ ଉତ୍ତମ ଭାବେ ବୁଝାଇ ପାରୁଥିବେ । ଲୋଭୀ କି କ୍ରୋଧୀ ହୋଇ ନ ଥିବେ ।

ଏପରି ଗୁରୁଙ୍କର ତଲାସରେ ତାଙ୍କର ବହୁଦିନ ଅତିବାହିତ ହୋଇଗଲା ପରେ ଶେଠଙ୍କ ମନ ମୁତାବକ ଗୁରୁଙ୍କ ସନ୍ଧାନ ମିଳିଲା ନାହିଁ । ଶେଠଙ୍କ ମନଟା ଖଟା ହୋଇଗଲା । ସେ ସବୁବେଳେ ଚିନ୍ତିତ ଅବସ୍ଥାରେ ରହିଲେ । ଏହା ଦେଖି ତାଙ୍କ ପତ୍ନୀ ଅର୍ଥାତ ଶେଠାଣୀ ତାଙ୍କୁ ବୁଝାଇ କହିଲେ, ଏଣିକି ସେ ଦାୟିତ୍ୱ ମୋ ଉପରେ ଛାଡ଼ । ଆଜିଠୁ ତୁମେ ଯେତେ ସାଧୁଙ୍କୁ ଭେଟିବ ତାଙ୍କୁ ମୁଁ ପରୀକ୍ଷା କରିବି । ତୁମେ ଆଉ ବ୍ୟସ୍ତ ହୁଅନି ।

ଶେଠାଣୀ ଗୋଟିଏ ପଞ୍ଜୁରୀ ଯୋଗାଡ଼ କଲେ । ତା'ଭିତରେ ଏକ କୁଆକୁ ରଖିଲେ । ତା' ପାଖକୁ ଯେତେ ସାଧୁ ଆସିଲେ ସେ ସମସ୍ତଙ୍କୁ କହିଲେ ଆଜ୍ଞା, ଦେଖିଲେ ଶୁଆଟି କେତେ ସୁନ୍ଦର ହୋଇଛି !

ଏ କଥାଟି ଯେଉଁ ସାଧୁ ଶୁଣିଲେ ସେମାନେ ସମସ୍ତେ ଶେଠାଣୀଙ୍କୁ ପାଗଳ ବୋଲି ଭାବିଲେ । ନିଜକୁ ଆକ୍ଷେପ କରୁଥିବାର ମଣି କେହି କେହି ସାଧୁ ଶେଠାଣୀଙ୍କୁ ମନଇଚ୍ଛା ଗାଳି ଦେଇଗଲେ । ଏମିତି କେତେଦିନ ଚାଲିଲା ।

ଶେଷରେ ଦିନେ ଜଣେ ବୃଦ୍ଧ ସାଧୁ ଆସିଲେ । ତାଙ୍କ ଆଗରେ ମଧ୍ୟ ଶେଠାଣୀ ସେଇ ଚିରାଚରିତ କୁଆ-ଶୁଆ କଥା ଉଠାଇଲେ । ଏକଥା ଶୁଣି ସାଧୁ ଅତି ସ୍ନେହରେ ଶେଠାଣୀଙ୍କ ଶିର ଦେଶରେ ନିଜ ହାତକୁ ବୁଲାଇ ଆଣି କହିଲେ ମା' ରେ ! ଶୁଆ ଅଲଗା । ସେ ଦେଖିବାକୁ କୁଆଠାରୁ ସୁନ୍ଦର । ସେ ମଣିଷ ପରି କଥା କହେ । କୁଆ ତ ମଢ଼ ଖାଏ କିନ୍ତୁ ଶୁଆ ଶାକାହାରୀ । ତେଣୁ ଏହା ଶୁଆ ନୁହେଁ କୁଆ ।

କିନ୍ତୁ ଶେଠାଣୀ ନିଜ ଜିଦ୍‌ରେ ଅଟଳ ରହି କହିଲେ ନା ନା ଏହା ଶୁଆ । କୁଆ କାହିଁକି ହେବ ? ସାଧୁ ନ ରାଗି ଶେଠାଣୀକୁ ବହୁତ ବୁଝାଇଲେ କିନ୍ତୁ ଶେଠାଣୀ କେବଳ ଶୁଆଠାରେ ହିଁ ଅଟକି ରହିଛନ୍ତି । ଶେଷରେ ସାଧୁ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି କହିଲେ 'ହେ ଈଶ୍ୱର ! ଏ ପିଲାଟିକୁ ଟିକେ ସଦ୍‌ବୁଦ୍ଧି ଦିଅ ' କହି ନିଜ ବାଟରେ ଚାଲିବାକୁ ଆରମ୍ଭ କଲେ । ଶେଠାଣୀ ଏହି ସମୟରେ ଶେଠଙ୍କୁ ଉକ୍ତ ସାଧୁଙ୍କୁ ଶଙ୍ଖୋଳିବା ପାଇଁ ଅନୁରୋଧ କଲେ ଏବଂ କହିଲେ ଇଏ ହିଁ ଆମର ଗୁରୁ ହେବାପାଇଁ ଯୋଗ୍ୟ । ତତ୍‌ପଶ୍ଚାତ ଶେଠ ପତି ପତ୍ନୀ ଦୁହେଁ ସାଧୁଙ୍କ ପାଦତଳେ ପଡ଼ି ସେମାନଙ୍କର ଗୁରୁ ହେବା ପାଇଁ ନିବେଦନ କଲେ ।

*–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*

*ମୋ:୯୭୭୭୭୯୭୮୪୧*

## ପୁସ୍ତକ ସମୀକ୍ଷା

### ଟିକିଫୁଲ

ଗୀତାରାଣୀ ପୁରୀ

ପ୍ରକାଶକ– ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର

ମୂଲ୍ୟ– ୧୦୦ଟଙ୍କା

ଟିକିଫୁଲ ଗୀତାରାଣୀ ପୁରୀଙ୍କର ଏକ ଶିଶୁ କବିତା ସଂକଳନ । ଏଥିରେ ୪୯ଟି କବିତା ସ୍ଥାନ ପାଇଛି, ଯେଉଁଥିରେ ମହାପୁରୁଷଙ୍କ କଥା, ମଧୁରବାଣୀ, ଶପଥ, ଅଳସ, ଦେଶ ସେବକ ପରି କବିତା ରହିଛି । ଏସବୁ କବିତା ଶିଶୁ ମାନଙ୍କ ଲାଗି ସୁଖପାଠ୍ୟ ହେବ । କବିତାରେ ରହିଥିବା ଚିନ୍ତାଧାରାକୁ ନିଜ ଜୀବନଧାରାରେ ବା ଆଚରଣରେ ପ୍ରତିଦିନ ପରିପ୍ରକାଶ କରିବାକୁ କବୟିତ୍ରୀ କହିଛନ୍ତି । ଏଥିରେ ଅନେକ ଶିକ୍ଷଣୀୟ କବିତା ରହିଛି । ଯାହାକି ଛାତ୍ରଙ୍କୁ ଉତ୍ତମ ନାଗରିକ ଭାବେ ଗଢି ତୋଳିବାରେ ସହାୟକ ହୋଇପରିବ ଏଥିରେ ସନ୍ଦେହ ନାହିଁ । ଆଶା କରୁଛୁ ଏହି କବିତା ସଂକଳନଟି ପାଠକୀୟ ସ୍ୱୀକୃତି ଲାଭ କରିବ ।





### ସତରଞ୍ଜ: ବୁଦ୍ଧିର ବିକାଶ

ବିଶି କେଶନ ଦେହୁରୀ

ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର

ମୂଲ୍ୟ–୨୫୫ଟଙ୍କା

ସତରଞ୍ଜ: ବୁଦ୍ଧିର ବିକାଶ ପୁସ୍ତକର ଲେଖକ ପ୍ରଶାସନିକ ଅଧିକାରୀ ବିଶି କେଶନ ଦେହୁରୀ । ଏଥିରେ ସତରଞ୍ଜ ବା ଚେସ୍ ଖେଳ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦିଆଯାଇଛି । ଖେଳର ଉତ୍ପତ୍ତିଠାରୁ ଆରମ୍ଭ କରି ତା'ର ଟିକିନିଖି ବିବରଣୀ ଲେଖକ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି । ଲେଖକଙ୍କ ମତରେ ଚେସ୍ ମଣିଷର ମନ ମସ୍ତିଷ୍କକୁ ସୁସ୍ଥ ରଖିଥାଏ । ଋଷ, ଆମେରିକା, ଚୀନ୍, ଇଂଲଣ୍ଡ ଓ ଇଜ୍ରାଏଲ ଭଳି ଅନେକ ଦେଶରେ ଘରେ ଘରେ ଚେସ୍ ଖେଳାଳୀ ଅଛନ୍ତି । ଓଡିଶାର ପ୍ରତି ସ୍କୁଲ କଲେଜରେ ବି ଏହି ଖେଳକୁ ପ୍ରୋତ୍ସାହନ ଦିଆଯିବା ଉଚିତ୍ । ପୁସ୍ତକଟି ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଜରୁରୀ । ଏହାର ଭବିଷ୍ୟତ ଯେ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ ।





### ସନ୍ଦିଗ୍ଧ ସମ୍ବିଧାନ

ମଦନ ମୋହନ ମହାକୁଡ଼

ଶାଳନ୍ଦୀ ବୁକ୍ସ, ଗୋପବନ୍ଧୁନଗର, ଭଦ୍ରକ

ମୂଲ୍ୟ–୧୭୦ଟଙ୍କା

ସନ୍ଦିଗ୍ଧ ସମ୍ବିଧାନ ମଦନ ମୋହନ ମହାକୁଡ଼ଙ୍କ ଗଳ୍ପ ସଂକଳନ । ଏଥିରେ ୧୮ଟି ଗପ ସ୍ଥାନ ପାଇଛି । ସ୍ଥାନିତ ଗପଗୁଡିକର ଚରିତ୍ରଗୁଡିକ ନିଆରା । ଅଧିକାଂଶ ଚରିତ୍ରଗୁଡିକ ଗ୍ରାମ୍ୟ ପରିବେଶରୁ ଆସିଛନ୍ତି । ଗପଗୁଡିକରେ ମେହେନତି ମଣିଷର କଥା ଓ ବ୍ୟଥାକୁ ନିଛକ ଭାବରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ସନ୍ଦିଗ୍ଧ ସମ୍ବିଧାନ ଗପରେ ଅଭି ଦାସ ଓ ନୀହାର ସାରଙ୍କ ଚରିତ୍ରକୁ ଗାଳ୍ପିକ ଯେଉଁଭଳି ଭାବେ ଉପସ୍ଥାପନା କରିଛନ୍ତି ତାହା ସୁଖପାଠ୍ୟ । ସେହିପରି 'ଗିନି ଘୁଷୁରି' ଗପରେ ଗୋଲକ ବାବୁ, ପ୍ରତିମା ଦେବୀ ଓ ଡାକ୍ତର ତ୍ରିପାଠୀଙ୍କ ଚରିତ୍ରର ଉପସ୍ଥାପନା ଶୈଳୀ ମଧ୍ୟ ଚମତ୍କାର । ଏହାର ଯେକୌଣସି ଗପ ପଢିଲେ ନିଆରା ଅନୁଭୂତି ମିଳିବ । ଆଶା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ।



# ଅଦରକାରୀ ସାମଗ୍ରୀରେ ତିଆରି ରୁଦ୍ରବୀଣା



କଳାକାର ସିଏ ଯେ, ନିର୍ଜୀବ ଭିତରେ ବି ଜୀବନ ଭରିପାରେ। ଅଦରକାରୀ ଜିନିଷକୁ ସୁନ୍ଦର କଳାକୃତିରେ ରୂପାନ୍ତର କରିପାରେ। ଏଭଳି କଳାକାର ଭାରତରେ ବି କିଛି କମ୍ ନାହାନ୍ତି। ନିକଟରେ ମଧ୍ୟପ୍ରଦେଶ, ଭୋପାଳରେ ରହୁଥିବା କେତେଜଣ କାରିଗର ସ୍କ୍ରାପ ବା ଅଦରକାରୀ ସାମଗ୍ରୀରେ ଏଭଳି ଏକ ବୀଣା ତିଆରି କରିଛନ୍ତି, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବୀଣାଟି ଏତେ ବଡ଼ ଯେ, ମଣିଷ ତା' ଆଗରେ ବହୁତ ଛୋଟ ଦେଖାଯିବ। ଏହାକୁ ତିଆରି କରିଥିବା ଟିମ୍‌ଙ୍କ କହିବା ଅନୁସାରେ ଏହା ହେଉଛି ସବୁଠାରୁ ବଡ଼ ରୁଦ୍ରବୀଣା ; ଯାହାର ଲମ୍ବ ୨୮ ଫୁଟ୍, ଓସାର ୧୦ ଫୁଟ୍, ଉଚ୍ଚତା ୧୨ ଫୁଟ ଏବଂ ଓଜନ ୫ ଟନ୍। ଏହାକୁ ତିଆରି କରିବାପାଇଁ ୬ ମାସ ସମୟ ଲାଗିବା ସହ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାକୁ ଗାଡ଼ିର ପାର୍ଟସ୍ ଯେମିତି କି ଚେନ୍, କେବୁଲ୍, ଗିୟର୍, ବଲ୍ ବିୟରିଂ ଆଦିକୁ ବ୍ୟବହାର କରି ତିଆରି କରାଯାଇଛି। ୧୫ ଜଣ କଳାକାର ଦୀର୍ଘ ସମୟ ଧରି ଏହି ସବୁ ସାମଗ୍ରୀକୁ ସଂଗ୍ରହ କରି ଏହାକୁ ତିଆରି କରିଛନ୍ତି।

ବ୍ୟାକ୍ ପେଜ୍








## ବସ୍ ଉଠ ହେଲେ ମିଳୁଛି ଫ୍ରି ଟିକେଟ୍

ଯଦି ମାଗଣାରେ କିଛି ମିଳେ ତେବେ ତାକୁ ହାତ ଛଡ଼ା କରିବାକୁ କେହି ପଛାନ୍ତି ନାହିଁ। ତାକୁ ପାଇବା ପାଇଁ କିଛି ବି କରିବାକୁ ପଛୁ ପଛେ କରନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ରୋମାନିଆରେ ଦେଖିବାକୁ ମିଳୁଛି। ସାଧାରଣତଃ ପବ୍ଲିକ ଟ୍ରାନ୍ସପୋର୍ଟ ଘର ନିକଟରୁ ମିଳୁ ନ ଥିବାରୁ ଅନେକେ ପ୍ରାଇଭେଟ୍ ବାହନ ଯେମିତି କି, ସ୍କୁଟର, ବାଇକ ଆଦି ବ୍ୟବହାର କରନ୍ତି। କିନ୍ତୁ ଯଦି ଏହି ପବ୍ଲିକ୍ ଟ୍ରାନ୍ସପୋର୍ଟ ମାଗଣାରେ ଉପଲବ୍ଧ ହୁଏ ତେବେ ଗହଳି ଜମିବା ସୁନିଶ୍ଚିତ। ରୋମାନିଆରେ ବି ମାଗଣା ପବ୍ଲିକ୍ ଟ୍ରାନ୍ସପୋର୍ଟ ସୁବିଧା ଉପଲବ୍ଧ କରାଯାଉଛି। ତେବେ ଏକ ସର୍ତ୍ତରେ। ସେ ହେଉଛି ୨୦ ଥର ବସ୍ ଉଠ୍ ହେଲେ ହିଁ ଫ୍ରି ଟିକେଟ୍ ମିଳିବ। ଏଥିପାଇଁ ଯାତ୍ରୀଙ୍କୁ ଫ୍ରି ଟିକେଟ୍ ପ୍ରଦାନ କରୁଥିବା ମେଶିନ୍ ସାମ୍ନାରେ ବସ୍ ଉଠ୍ ହେବାକୁ ପଡ଼େ। ବସ୍ ଉଠ୍ କରି ସାରିବା ପରେ ମେଶିନ୍‌ରୁ ଆପେ ଟିକେଟ୍ ବାହାରି ଆସେ। ଏଠାକାର ପ୍ରଶାସନ ଏଭଳି ବ୍ୟବସ୍ଥା କରିବା ପଛର ଉଦ୍ଦେଶ୍ୟ ହେଉଛି ପ୍ରଥମତଃ ଲୋକଙ୍କୁ ପବ୍ଲିକ୍ ଟ୍ରାନ୍ସପୋର୍ଟର ଅଧିକରୁ ଅଧିକ ବ୍ୟବହାର କରିବା ଲାଗି ପ୍ରୋତ୍ସାହିତ କରିବା। ଦ୍ୱିତୀୟରେ ବସ୍ ଉଠ୍ ଦ୍ୱାରା ଲୋକଙ୍କୁ ସୁସ୍ଥ ରଖିବା।

# ଶୃଙ୍ଗାର କେକ୍



ସ୍ୱାଦିଷ୍ଟ କେକ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ତେବେ କେକ୍ କିଣିବା ପୂର୍ବରୁ ସମସ୍ତେ ତା'ର ଡେକୋରେଶନ୍‌କୁ ଦେଖନ୍ତି। ଯୋଉ ଡେକୋରେଶନ୍ ସୁନ୍ଦର ହୋଇଥାଏ ତା'ର ଚାହିଦା ଅଧିକ ଥାଏ। ଏବେ ସେମିତି ଏକ ସୁସଜ୍ଜିତ କେକ୍ ବେଶ୍ ଭାଇରାଲ ହେବାରେ ଲାଗିଛି। ପୁଣେର ପ୍ରାଚୀ ଧବଲ ଦେବ ନାମକ ଜଣେ ମହିଳା ତିଆରି କରିଛନ୍ତି ଏହି କେକ୍‌କୁ। ଏହି କେକ୍‌ର ଫଟୋ ଭାଇରାଲ ହେବା ପଛର କାରଣ ହେଉଛି ଏହାର ଆକର୍ଷକ ଡେକୋରେଶନ୍। ୩୨ ଇଞ୍ଚର ଏହି କେକ୍‌ର ଆକାର ସିନ୍ଦୂର ଫରୁଆ ଭଳି। ଏଥିରେ ପ୍ରାଚୀ ବନାରସୀ ଶାଢ଼ି ଓ ପୁରୁଣା ଭାରତୀୟ ଅଳଙ୍କାରର ଡିଜାଇନ୍ କରିଛନ୍ତି। ଆଉ ତା'ର ନାଁ ଦେଇଛନ୍ତି 'ଶୃଙ୍ଗାର କେକ୍'। ଗୋଲାପୀ ରଙ୍ଗର ଏହି କେକ୍‌ରେ ହୋଇଥିବା ସୁନ୍ଦର କାରୁକାର୍ଯ୍ୟ ଲାଗି କେକ୍‌ଟି ବନାରସୀ ଶାଢ଼ିର ପଣତ ପରି ଲାଗେ। ପ୍ରାଚୀ କୁହନ୍ତି, ''ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଭାରତୀୟ କଳା, ସଂସ୍କୃତିକୁ ପ୍ରଦର୍ଶନ କରିବାର ଇଚ୍ଛା ମୋର ସବୁବେଳେ ଥିଲା। ଆଉ ଚାହୁଁଥିଲି ଏମିତି କିଛି କରିବାକୁ, ଯାହା ମୋ ହୃଦୟର ଖୁବ୍ ନିକଟତର ହୋଇଥିବ। ବନାରସୀ ଶାଢ଼ି ଡିଜାଇନ୍‌ର କେକ୍ ଏଇଥିପାଇଁ କଲି, କାରଣ ମୋ ମା' ମତେ ମୋ ବାହାଘର ବେଳେ ଏଇ ଶାଢ଼ି ଉପହାର ସ୍ୱରୂପ ଦେଇଥିଲେ। ତେଣୁ ସେ ଶାଢ଼ି ମୋ ପାଇଁ ବେଶ୍ ମୂଲ୍ୟବାନ ଓ ହୃଦୟର ବେଶ୍ ନିକଟତର ଥିଲା। ଶାଢ଼ିର ରଙ୍ଗ ଓ ଡିଜାଇନ୍ ମତେ ଏତେ ଭଲ ଲାଗିଥିଲା ଯେ, ତାହା ମତେ ଉକ୍ତ କେକ୍ ତିଆରିବାକୁ ପ୍ରେରଣା ଦେଲା। ତେଣୁ ଇଟାଲୀରେ ଆୟୋଜିତ ଅନ୍ତର୍ଜାତୀୟ କୋଲାବରେଶନ୍‌ରେ ମୁଁ ଏହାକୁ ତିଆରି କରିଥିଲି।''